ସକାଳ THE SAKALA



## ସାନ୍ତାଳୀ ସମ୍ପ୍ରଦାୟର ସାକରାତ ପାରାବ୍‌ରେ ଗାଁ ଉତ୍ସବମୁଖର

# ବୁଢ଼ୀଗାଳି ନୃତ୍ୟ ମୁଖ୍ୟ ଆକର୍ଷଣ

ରାଇରଙ୍ଗପୁର, ୧୮।୧(ସମିସ): ସାନ୍ତାଳୀ ସମ୍ପ୍ରଦାୟର ପରମ୍ପରାଗତ ସାକରାତ ପାରାବ୍ ଉତ୍ସବ ନେଇ ଆଦିବାସୀ ଗାଁଗୁଡିକ ଉତ୍ସବମୁଖର ହୋଇଉଠିଛି। ଏହି ଉତ୍ସବରେ ଯୁବକ ଓ ବୟସ୍କ ବର୍ଗର ପୁରୁଷମାନେ ମହିଳାଙ୍କ ପରମ୍ପରାଗତ ବସ୍ତ୍ର ପରିଧାନ କରି ସାଜସଜ୍ଜା ସହିତ ଗାଳିଆସେନ୍ ନୃତ୍ୟ କରିବା ନିଆରା ପରମ୍ପରା ରହିଛି। ମୟୂରଭଞ୍ଜ ଜିଲ୍ଲା ରାଇରଙ୍ଗପୁର ଅଞ୍ଚଳ ଆଦିବାସୀ ବହୁଳ ଗାଁଗୁଡିକରେ ମକର ସଂକ୍ରାନ୍ତି ପୂର୍ବଦିନରୁ ଏହି ଉତ୍ସବ ଆରମ୍ଭ ହୋଇଥାଏ ଏବଂ ଏହା ୫ ଦିନ ଧରି ଚାଲିଥାଏ। ପ୍ରଥମ ଦିନ ସାନ୍ତାଳୀ ଲୋକେ ମାଛ, ମାଂସ ସେବନ କରନ୍ତି। ଦ୍ୱିତୀୟ ଦିନ ପିଠା ପଣା ପ୍ରସ୍ତୁତ ପରେ ପୂର୍ବ ପୁରୁଷଙ୍କୁ ପିଣ୍ଡ ଦାନ କରନ୍ତି। ଏହା ପରେ ଗାଁ ଲୋକେ ପ୍ରଥମେ ନାଚ ଗୀତ କରି ନାଏକେ ବାବାଙ୍କ ସହିତ କଦଳୀ ଗଛ ବା ଯୋଡା ଗଛକୁ କାଟି ନିର୍ଦ୍ଦିଷ୍ଟ ସ୍ଥାନରେ ଗଡ଼ା ଯାଇଥାଏ। ଏହା ପରେ ଗ୍ରାମବାସୀଙ୍କ ମଧ୍ୟରେ ଲାଖ ବିନ୍ଧା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥାଏ। ଜମିରେ ଗଡ଼ା ଯାଇଥିବା କଦଳି ଗଛକୁ ତିନି ଭାଗ କରି ମାଝୀ ବାବା, ପାରାନିକ ବାବା ଓ ଗ୍ରାମବାସୀ ନାମିତ କରି ରଖାଯାଏ। ଯେକୌଣସି ବ୍ୟକ୍ତି ଲାଖବିନ୍ଧାରେ ଲକ୍ଷ୍ୟଭେଦ କରିଥିବା ପ୍ରତିଯୋଗୀଙ୍କୁ ଗ୍ରାମବାସୀ କାନ୍ଧରେ ବସାଇ ନାଏକେ ବାବାଙ୍କ ଘରକୁ ନେଇଥାନ୍ତି ଓ ଆଦିବାସୀଙ୍କ ବସ୍ତ୍ର ଫୁଟା କାଚା ପୁରସ୍କାର ସ୍ୱରୂପ ପଦାନ କରାଯାଏ। ସେହିପରି ତୃତୀୟ ଦିନଠାରୁ ସାନ୍ତାଳୀ ସମ୍ପ୍ରଦାୟ ଲୋକଙ୍କ ଶୁଭ ମୁହୂର୍ତ୍ତ ଭାବରେ ଆଖାନ ଯାତ୍ରା ଆରମ୍ଭ କରାଯାଇଥାଏ। ସେହି ଦିନଠାରୁ ସାନ୍ତାଳୀ ସମ୍ପ୍ରଦାୟ ଲୋକେ ବର ଓ କନ୍ୟା ଚୟନ କାର୍ଯ୍ୟ ବ୍ୟତୀତ ନୂତନ ଗୃହ ନିର୍ମାଣ ଶୁଭାରମ୍ଭ ମଧ୍ୟ କରିଥାନ୍ତି। ଏହା ପରେ ଦିସମଗାଳିରେ ବୁଢ଼ୀଗାଳି ନୃତ୍ୟ ଆରମ୍ଭ ହୋଇଥାଏ। ଏହି ନୃତ୍ୟରେ ପୁରୁଷମାନେ ମହିଳାଙ୍କ ପରମ୍ପରାଗତ ବସ୍ତ୍ର ପରିଧାନ କରି ମାଦଲ ଓ ଧାମସା ତାଳେ ତାଳେ ନୃତ୍ୟ କରନ୍ତି। ପ୍ରତ୍ୟେକ ଗାଁର ବୁଢ଼ୀଗାଳି ନୃତ୍ୟ ଦଳ ଗ୍ରାମ ନାଏକେ ବାବାଙ୍କଠାରୁ ଅନୁମତି ନେଇ ଗାଁ ଗାଁ ଯାଇ ଲୋକଙ୍କ ଘରେ ନୃତ୍ୟ ପ୍ରଦର୍ଶନ କରନ୍ତି। ପ୍ରତିବଦଳରେ ଚାଉଳ ବା ଅର୍ଥ ଦାନରେ ନେଇଥାନ୍ତି। ଏହା ଦୁଇ ଦିନ ଧରି ଚାଲିଥାଏ। ବର୍ତ୍ତମାନ ଆଦିବାସୀ ଗାଁଗୁଡିକ ସାନ୍ତାଳୀଙ୍କ ବୁଢ଼ୀଗାଳି ନୃତ୍ୟରେ ଉତ୍ସବମୁଖର ହୋଇଉଠିଛି। ଶେଷ ଦିନ ଆତୁଗାଳି କାର୍ଯ୍ୟକ୍ରମରେ ବୁଢ଼ୀଗାଳି ନୃତ୍ୟ ଦଳ ନିଜ ନିଜ ଗାଁକୁ ଫେରି ସଂଗ୍ରହ ହୋଇଥିବା ସାମଗ୍ରୀ ଗୁଡିକୁ ନାଏକେ ବାବାଙ୍କ ନିକଟକୁ ନେଇଥାନ୍ତି। ପରବର୍ତ୍ତୀ ସମୟରେ ଗ୍ରାମବାସୀ ନାଏକେ ବାବାଙ୍କ ନିର୍ଦ୍ଦେଶ ଅନୁସାରେ ଦିନ ଧାର୍ଯ୍ୟ କରି ସାମୂହିକଭାବେ ଗାଳିହାଣ୍ଡିକୁ ପ୍ରସାଦ ଭାବରେ ସେବନ କରନ୍ତି। ଶେଷରେ ସାକରାତ ପାରାବ୍‌ର ସମାପନ ହୋଇଥାଏ। ବର୍ତ୍ତମାନ ରାଇରଙ୍ଗପୁର ନିକଟ ଦାଣ୍ଡବୋଷ, କୁସୁମୀ, ବିଜାତଳା, ତିରିଂ, ବହଳଦା, ଜାମଦା ଅଞ୍ଚଳ ଗାଁଗୁଡିକରେ ବୁଢ଼ୀଗାଳି ନୃତ୍ୟର ଆସର ଜମିଛି। ଏହି ପର୍ବ ସାନ୍ତାଳୀ ସମ୍ପ୍ରଦାୟ ଲୋକଙ୍କ ସଂସ୍କୃତିର ପରିଚୟ ରହିଥିବାରୁ ଏହାକୁ ଅନେକ ଗୁରୁତ୍ୱପୂର୍ଣ୍ଣ ପର୍ବ ରୂପେ ପାଳନ କରନ୍ତି।




## ଛାତ୍ରୀ ଆତ୍ମରକ୍ଷା ଶିବିର ଉଦ୍‌ଯାପିତ

ବେତନଟୀ, ୧୮।୧(ସମିସ): ବେତନଟୀ ଥାନା ଅଧୀନ କୃଷ୍ଣଚନ୍ଦ୍ରପୁର ହାୟର ସେକେଣ୍ଡାରୀ ସ୍କୁଲରେ ଚାଲିଥିବା ଛାତ୍ରୀ ଆତ୍ମରକ୍ଷା ପ୍ରଶିକ୍ଷଣ ଶିବିର ଶୁକ୍ରବାର ଉଦଯାପିତ ହୋଇଯାଇଛି। କାର୍ଯ୍ୟରତ ଅଧକ୍ଷା ଡ. ମନ୍ଦାକିନୀ ସାହୁଙ୍କ ସଭାପତିତ୍ୱରେ ଆୟୋଜିତ ଉଦଯାପନୀ କାର୍ଯ୍ୟକ୍ରମରେ ଉଦ୍ଭିଦ ବିଜ୍ଞାନ ବିଭାଗ ଅଧ୍ୟାପକ ଭାବେନ୍ଦ୍ର କୁମାର ଦେ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ମୁଖ୍ୟବକ୍ତା ଭାବେ ପ୍ରାଣୀବିଜ୍ଞାନ ଅଧ୍ୟାପକ ଅଜିତ ବେହେରା, ସମ୍ମାନିତ ଅତିଥି ଭାବେ ଅଧ୍ୟାପକ ଶ୍ରୀକାନ୍ତ ଦାସ, ଭୁପାଳଚନ୍ଦ୍ର ପ୍ରଧାନ ଉପସ୍ଥିତ ଥିଲେ। ପଦାର୍ଥ ବିଜ୍ଞାନ ବିଭାଗର ଡେମୋନଷ୍ଟ୍ରେଟର ତପତି ତପସ୍ୱିନୀ ଆଚାର୍ଯ୍ୟଙ୍କ ସଂଯୋଜନାରେ ଆୟୋଜିତ କାର୍ଯ୍ୟକ୍ରମରେ ଅଧ୍ୟାପକ ଶେଖାଓତ ଅଲ୍ଲି ମଞ୍ଚ ପରିଚାଳନା କରିଥିଲେ। ପ୍ରଶିକ୍ଷିକା ଭାବେ କରିସ୍ମା ଖାତୁନ ଓ ଜିତନ ସିଂ ଛାତ୍ରୀଙ୍କୁ ଆତ୍ମରକ୍ଷାର ବିଭିନ୍ନ କୌଶଳ ବାବଦରେ ତାଲିମ୍ ଦେଇଥିଲେ। ପରେ ଛାତ୍ରୀମାନଙ୍କୁ ସାର୍ଟିଫିକେଟ ପ୍ରଦାନ କରାଯାଇଥିଲା।

## କଣ୍ଟିସାହିରେ ମହିଳା ଖେଳକୁଦ ପ୍ରତିଯୋଗିତା

ଶୁଳିଆପଦା, ୧୮।୧(ସମିସ): ଶୁଳିଆପଦା ବ୍ଲକ କଣ୍ଟିସାହି ଗ୍ରମରେ ୧୭ତମ ବାର୍ଷିକ ମହିଳା ଖେଳକୁଦ ପ୍ରତିଯୋଗିତା ନେତାଜୀ ଯଥ କ୍ଲବ୍ ଆନୁକୂଲ୍ୟରେ ଅନୁଷ୍ଠିତ ହୋଇଯାଇଛି। ଗତ ୩ ଦିନ ଧରି ଚାଲିଥିବା ଏହି ପ୍ରତିଯୋଗିତାରେ ଛୋଟ ଛୋଟ ବାଳକ ବାଳିକା, ଗୃହିଣୀ ଅଂଶ ଗ୍ରହଣ କରିଥିଲେ। ଏହି ଅବସରରେ ହାଣ୍ଡି ଭଙ୍ଗା, ବମ୍ ବ୍ଲାଷ୍ଟ, ୧୦୦ ମିଟର, ୨୦୦ ମିଟର ଦୌଡ, ଆଳି ଚାମଚ୍, ଏଣ୍ଡୁଅ ଦୌଡ, ବାଲଟି ବଲ୍, ଅଙ୍କ କଷା, ଚପଲ୍ ରେସ୍, ସ୍ଲୋ ସାଇକଲ୍, ମ୍ୟୁଜିକ୍ ଚେୟାର, ଅନ୍ଧ ପୁତୁଳି, ବେଲୁନ୍ ପାସ୍ ଆଦି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଦ୍ୱିତୀୟ ଦିବସରେ ନଗର ଉନ୍ନୟନ ଓ ଗୃହ ନିର୍ମାଣ ମନ୍ତ୍ରୀ ଡା.କୃଷ୍ଣଚନ୍ଦ୍ର ମହାପାତ୍ର ଯୋଗ ଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ଶେଷ ସନ୍ଧ୍ୟାରେ ପୁରସ୍କାର ବିତରଣ ଉତ୍ସବ ସହିତ ନୃତ୍ୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। କମିଟିର ସଭାପତି ଲିଲି ତୁଙ୍ଗ, ସମ୍ପାଦକ ସବିତା ସିଂଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।



## ନୂତନ ତହସିଲଦାରଙ୍କ ଯୋଗଦାନ

ମହୁଲଡିହା, ୧୮।୧(ସମିସ): ଠାକୁରମୁଣ୍ଡା ତହସିଲଦାର ଭାବେ ସମ୍ବିତ କୁମାର କର କାର୍ଯ୍ୟରେ ଯୋଗ ଦେଇଛନ୍ତି। ଏହା ପୂର୍ବରୁ ସେ ସିମୁଳିଆ ବିଡ଼ିଓ ଭାବେ ଦାୟିତ୍ୱ ନିର୍ବାହ କରୁଥିଲେ। ନିକଟରେ ତାଙ୍କର ଏଠାକୁ ବଦଳି ହୋଇଥିଲା। ଏଠାରେ କାର୍ଯ୍ୟରତ ତହସିଲଦାର ଡ. ସୁଶ୍ରୀ ସୁପ୍ରିୟାଙ୍କର ମୟୂରଭଞ୍ଜ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟକୁ ଡେପୁଟି କଲେକ୍ଟର ଭାବେ ବଦଳି ହୋଇଛି। ଶ୍ରୀ କର ଗତ ୧୩ ତାରିଖରେ ଯୋଗଦେବା ପରେ ୧୭ ତାରିଖରୁ କାର୍ଯ୍ୟଭାର ଗ୍ରହଣ କରିଛନ୍ତି। ଏହି ଅବସରରେ ତହସିଲର ସମସ୍ତ କର୍ମଚାରୀ ତାଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିଥିଲେ।

## ଛାତ୍ରୀ ଆତ୍ମରକ୍ଷା ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ

କୁଆମରା, ୧୮।୧(ସମିସ): ଗୋପବନ୍ଧୁ ନଗର ବ୍ଲକ ସାଇଁକୁଳା ପଞ୍ଚପଲ୍ଲୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ୮ ଦିନ ଧରି ଚାଲିଥିବା ଛାତ୍ରୀ ଆତ୍ମରକ୍ଷା ପ୍ରଶିକ୍ଷଣ ଶିବିର ଉଦଯାପିତ ହୋଇଯାଇଛି। ଏଥିରେ ୫୧ ଛାତ୍ରୀ ଆତ୍ମରକ୍ଷା କୌଶଳ ତାଲିମ ନେଇଥିଲେ। ଅଧକ୍ଷ ଗୁଣାକର ଦାସଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଶିବିରରେ ଜୟନ୍ତ କୁମାର ପତି, ସୁଧୀର କୁମାର ରୂପ, ଅମର କୁମାର ନାୟକ, ଜୟନ୍ତ କୁମାର ପ୍ରଧାନ, ମୁକ୍ତିପ୍ରିୟ ମିଶ୍ର ପ୍ରମୁଖ ଯୋଗ ଦେଇ ସମାଜରେ ନାରୀମାନଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ଓ ସେମାନେ ନିଜକୁ ଆତ୍ମନିର୍ଭରଶୀଳ ହେବାକୁ ପରାମର୍ଶ ଦେଇଥିଲେ। ଉର୍ମିଳା ନାୟକ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ସୁଭଦ୍ରା ମହାରଣା ତାଲିମ ଦେଇଥିଲେ।

## ଆଇନଜୀବୀଙ୍କ ଅକାଳ ବିୟୋଗ

ବେତନଟୀ, ୧୮।୧(ସମିସ): ବେତନଟୀ ଅଞ୍ଚଳର ଜଣାଶୁଣା ଆଇନଜୀବୀ ରାଜକିଶୋର ବାରିକ(୫୪)ଙ୍କ ଶୁକ୍ରବାର ସନ୍ଧ୍ୟାରେ ହୃଦଘାତରେ ପରଲୋକ ହୋଇଯାଇଛି। ତାଙ୍କର ଆଣ୍ଠୁରେ ଆଘାତ ଯୋଗୁଁ ଅସ୍ତ୍ରୋପଚାର ହୋଇ କିଛିଦିନ ହେବ ଘରକୁ ଫେରିଥିଲେ। ଘରେ ଥିବାବେଳେ ଶୁକ୍ରବାର ସନ୍ଧ୍ୟାରେ ହଠାତ



ଅସୁସ୍ଥ ଅନୁଭବ କରିବାରୁ ତାଙ୍କୁ ଡାକ୍ତରଖାନା ନିଆଯାଇଥିଲେ ମଧ୍ୟ ଡାକ୍ତର ମୃତ ଘୋଷଣା କରିଥିଲେ। ତାଙ୍କ ବିୟୋଗରେ ବେତନଟୀ ଅଞ୍ଚଳରେ ଶୋକର ଛାୟା ଖେଳି ଯାଇଛି। ସେ ଜଣେ ଅତ୍ୟନ୍ତ ସରଳ, ମେଳାପୀ, ମିଷ୍ଟଭାଷୀ ସ୍ୱଭାବର ମଣିଷ ଭାବେ ସମସ୍ତଙ୍କ ଅତି ପ୍ରିୟଥିଲେ। ଆଇନଜୀବୀ ସନ୍ଦୀପ କୁମାର ମିଶ୍ର(କାର୍ତ୍ତିକ)ଙ୍କ ସମେତ ବେତନଟୀ ବାର ଆସୋସିଏସନର ସାଧାରଣ ସମ୍ପାଦକ ପ୍ରବୀର କୁମାର ବାରିକ, ପ୍ରାକ୍ତନ ସଭାପତି ଦେବବ୍ରତ ପରିଡ଼ା, ରଣଜିତ ଗନ୍ତାୟତ, ହେମନ୍ତ ମହାନ୍ତ, ଲମ୍ବୋଦର ମାଝୀ ପ୍ରମୁଖ ଶୋକବ୍ୟକ୍ତ କରିଛନ୍ତି।

## ଜେଏମ୍‌ଏଫ୍‌ସି କୋର୍ଟ ପ୍ରତିଷ୍ଠା ଦାବିରେ ସ୍ମାରକପତ୍ର

ଉଦଳା, ୧୮।୧(ସମିସ): କପ୍ତିପଦା ବ୍ଲକ ଅନ୍ତର୍ଗତ ଶରତଠାରେ ବିଚାବିଭାଗୀୟ ପ୍ରଥମ ଶ୍ରେଣୀ ଅଦାଲତ (ଜେଏମଏଫସି କୋର୍ଟ) ପ୍ରତିଷ୍ଠା ଦାବିରେ ଶନିବାର ଶରତ ବିକାଶ ମଞ୍ଚ ପକ୍ଷରୁ ଉଦଳା ଉପଜିଲ୍ଲାପାଳ ସୁଶାନ୍ତ ବାରିକଙ୍କୁ ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଏବଂ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି। ଦାବିପତ୍ରରେ ଶରତରେ ଜେ.ଏମ.ଏଫ.ସି ଅଦାଲତ ସ୍ଥାପନ ହେବାକୁ ନେଇ ମଞ୍ଚ ଏବଂ ଅଞ୍ଚଳବାସୀଙ୍କ ପକ୍ଷରୁ ବାରମ୍ବାର ଜିଲ୍ଲା ପ୍ରଶାସନ ଏବଂ ରାଜ୍ୟ ସରକାରଙ୍କୁ ଦାବିପତ୍ର ଦିଆଯାଇଛି। ଏହି ଦାବିପତ୍ରକୁ ଜିଲ୍ଲା ପ୍ରଶାସନ ଓଡ଼ିଶା ଆଇନ ପ୍ରାଧିକରଣ ବିଭାଗକୁ ଫରୱାର୍ଡ କରିଥିଲେ। ଉକ୍ତ ଦାବିକୁ ଅତ୍ୟନ୍ତ ଗୁରୁତ୍ୱ ଦେଇ ଓଡ଼ିଶା ଆଇନ ପ୍ରାଧିକରଣ ବିଭାଗ କଟକ ଓଡ଼ିଶା ଉଚ୍ଚ ନ୍ୟାୟାଳୟଙ୍କୁ ଏହା ଉପରେ ସବିଶେଷ ବିଚାର କରିବା ନିମନ୍ତେ ନିବେଦନପତ୍ର ପ୍ରେରଣ କରିଥିଲେ। ଓଡ଼ିଶା ଉଚ୍ଚ ନ୍ୟାୟାଳୟ ଶରତଠାରେ କୋର୍ଟ ପ୍ରତିଷ୍ଠା ହେବାକୁ ନେଇ ନିଷ୍ପତ୍ତି ଗ୍ରହଣ କରିବା ପରେ ଭିତ୍ତିଭୂମିର ଆବଶ୍ୟକତା ଉପରେ ସର୍ଭେ କରିବା ନିମନ୍ତେ ଜିଲ୍ଲା ପ୍ରଶାସନକୁ ନିର୍ଦ୍ଦେଶ ଦେଇଥିଲେ। ଭିତ୍ତିଭୂମିର ଉପରେ ସର୍ଭେ ହେବା ପରେ ମଧ୍ୟ କୋର୍ଟ ପ୍ରତିଷ୍ଠା ହେବାକୁ ନେଇ ଅତ୍ୟନ୍ତ ବିଳମ୍ବ ହୋଇଛି। ଶରତ ଅଞ୍ଚଳରେ କୋର୍ଟ ପ୍ରତିଷ୍ଠା ହେଲେ ଗରିବ ଆଦିବାସୀ ତଥା ସାଧାରଣ ଜନତା ସ୍ୱଳ୍ପ ଖର୍ଚ୍ଚରେ ଉପକୃତ ହୋଇପାରିବେ ବୋଲି ଦାବିପତ୍ରରେ ନିବେଦନ କରାଯାଇଛି। ଦାବିପତ୍ର ଦେବା ସମୟରେ ଅଧିବକ୍ତା କମଳାକାନ୍ତ ମହାନ୍ତି, ଶରତ ବିକାଶ ମଞ୍ଚ ସଭାପତି ଗାମାଏ ରିମିଲ ଗୋଇପାଇ, ସମ୍ପାଦକ କୁସୁନୁ ଗିଲୁଆ, ଯୁବନେତା ଜାମଦାର ବାଲମୁଚୁ, ବାଗୁନ ବାନାରା, ଆରୁଲ ଖୁଣ୍ଟିଆ ପ୍ରମୁଖ ଉପସ୍ଥିତ ଥିଲେ।



## ବି.ବି. ମହାବିଦ୍ୟାଳୟରେ ଆଲୋଚନାଚକ୍ର




କୁଳିଅଣା, ୧୮।୧(ସମିସ): ବାଇଗଣବାଡିଆ ସ୍ଥିତ ବି.ବି.ମହାବିଦ୍ୟାଳୟରେ ଇଂରାଜୀ ବିଭାଗର ବାର୍ଷିକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ସେକ୍ସପିୟର ଆଣ୍ଡ ହିଜ୍ ଟାଇମ୍ସ୍ ଲଭ୍ ସନେଟ୍ସ ଶୀର୍ଷକ ଏହି ଆଲୋଚନାଚକ୍ରକୁ ଅଧକ୍ଷା ଡ.ସଂଯୁକ୍ତା ମହାନ୍ତି ସଭାପତିତ୍ୱ କରିଥିଲେ। ବିଭାଗୀୟ ମୁଖ୍ୟ ଅଧ୍ୟାପକ ହରିଶଙ୍କର ମହାକୁଡ ଅତିଥି ପରିଚୟ ଦେବା ସହିତ ବିଷୟବସ୍ତୁ ସମ୍ପର୍କରେ ପ୍ରାରମ୍ଭିକ ସୂଚନା ଦେଇଥିଲେ। ସନ୍ଦର୍ଭ ବିଶେଷଜ୍ଞ ଓ ମୁଖ୍ୟବକ୍ତା ଭାବରେ ମହାରାଜା ଶ୍ରୀରାମ ଚନ୍ଦ୍ର ଭଞ୍ଜ ବିଶ୍ୱବିଦ୍ୟାଳୟର ଇଂରାଜୀ ବିଭାଗର ଆସିସଷ୍ଟାଣ୍ଟ ପ୍ରଫେସର ପ୍ରୀତିଲଗ୍ନା ସନ୍ତୋଷୀ ମହାକୁଡ ଯୋଗଦେଇ ସେକ୍ସପିୟର ଆଣ୍ଡ ହିଜ୍ ଟାଇମ୍ଲେସ୍ ଲଭ୍ ସନେଟ୍ସ ଉପରେ ବିସ୍ତୃତ ଆଲୋଚନା କରିଥିଲେ। ଅଧ୍ୟାପକ ସୁବ୍ରତ କୁମାର ପାଠୀ ବିଷୟବସ୍ତୁ ଉପରେ ବ୍ୟକ୍ତବ୍ୟ ରଖିଥିଲେ। ଏହି ଅବସରରେ କୃତୀ ବିଦ୍ୟାର୍ଥୀଙ୍କୁ ପୁରସ୍କୃତ କରାଯାଇଥିଲା। ଶେଷରେ ଇଂରାଜୀ ବିଭାଗର ଅଧ୍ୟାପକ ସୁଶୀଲ ଭୂୟେ ଧନ୍ୟବାଦ ଅର୍ପଣ କରିଥିଲେ। ସେହିପରି ଗଣିତ ବିଭାଗ ତରଫରୁ 'ରୈଖିକ କାର୍ଯ୍ୟକ୍ରମ' ଉପରେ ପରେ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ଅଧକ୍ଷା ଡ.ସଂଯୁକ୍ତା ମହାନ୍ତି ଆଲୋଚନାଚକ୍ରକୁ ଉଦ୍‌ଘାଟନ କରି ଛାତ୍ରଛାତ୍ରୀଙ୍କୁ ଗଣିତ ଶିକ୍ଷାର ଗୁରୁତ୍ୱ ଓ ଆବଶ୍ୟକତା ଉପରେ ଆଲୋକପାତ କରିଥିଲେ। ଗଣିତ ବିଭାଗର ମୁଖ୍ୟ ଅଧ୍ୟାପିକା ନିବେଦିତା ମହାପାତ୍ର ସ୍ୱାଗତ ଭାଷଣ ଓ ଅତିଥିପରିଚୟ ଦେଇଥିଲେ। ଅବସର ପ୍ରାପ୍ତ ପ୍ରାଧ୍ୟାପକ ଡ.କେଦାର ଚନ୍ଦ୍ର ପରିଡ଼ା ମୁଖ୍ୟବକ୍ତା ଭାବେଯୋଗଦେଇ ବିଷୟବସ୍ତୁ ଉପରେ ବିସ୍ତୃତ ଆଲୋଚନା କରିଥିଲେ। ଅଧ୍ୟାପିକା ସ୍ମୃତିମେଧା ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ।

## କାୟାକଳ୍ପ ଟିମ୍‌ର ଉପଖଣ୍ଡ ଡାକ୍ତରଖାନା ପରିଦର୍ଶନ

ଉଦଳା, ୧୮।୧(ସମିସ): ମୟୂରଭଞ୍ଜ ଜିଲ୍ଲା କପ୍ତିପଦା ଉପଖଣ୍ଡର ଉଦଳା ଉପଖଣ୍ଡ ଡାକ୍ତରଖାନାକୁ ଗୁରୁବାର ୩ ଜଣିଆ କାୟାକଳ୍ପ ଟିମ ପରିଦର୍ଶନ କରିଛନ୍ତି। ଡାକ୍ତରଖାନା ପରିସରର ପରିଷ୍କାର ପରିଚ୍ଛନ୍ନତା, ରୋଗୀଙ୍କ ଠିକ ଚିକିତ୍ସା, ଡାକ୍ତର, ନର୍ସ, କର୍ମଚାରୀ ନିଜ ନିଜ ୟୁନିଫର୍ମ ଓ ରୋଗୀଙ୍କ ଖାଦ୍ୟପେୟ ଓ ପରିମଳ ବ୍ୟବସ୍ଥା ବିଷୟରେ ଟିକିନିଖି ଯାଞ୍ଚ କରିଥିଲେ। ଏହି ଟିମ୍ ଭେଷଜ ବିଭାଗ, ପ୍ରସୂତି, ଶିଶୁ, ପାଥୋଲୋଜି, ନିଦାନ ବିଭାଗ, ଏସଏନସିୟୁ ବିଭାଗ, ପୋଷ୍ଟମର୍ଟମ ଗୃହ, ବିଏମ୍‌ଡବ୍ଲ୍ୟୁ କ୍ଷେତ୍ର ଆଦି ପରିଦର୍ଶନ ପୂର୍ବକ ବିଭିନ୍ନ ଉପଲବ୍ଧି ଆଲୋଚନା କରିଥିଲେ। ଡାକ୍ତରଖାନା ଦାୟିତ୍ୱରେ ଥିବା ଅଧୀକ୍ଷକ ଲକ୍ଷ୍ମୀକାନ୍ତ ପତି, ହସପିଟାଲ ମ୍ୟାନେଜର ନିରୁପମା ମହାନ୍ତି ସମେତ ସମସ୍ତ ବିଶେଷଜ୍ଞ ଡାକ୍ତର ଉପସ୍ଥିତ ଥିଲେ।



## କଚେରୀ ପରିସରରେ ନିଃଶୁଳ୍କ ସ୍ୱାସ୍ଥ୍ୟ ଶିବିର

କରଞ୍ଜିଆ, ୧୮।୧(ସମିସ): ଶନିବାର କାରଞ୍ଜିଆ କଚେରୀ ପରିସରରେ ଓକିଲ ସଂଘର ସହାୟତାରେ ସାନ ଅଲ୍ଟିମେଟ ମେଡିକାଲ କେୟାର, ଭୂମିକା ଚକ୍ଷୁ ଚିକିତ୍ସାଳୟ ପକ୍ଷରୁ ଏକ ନିଃଶୁଳ୍କ ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ଡା. ବୁଧେଶ୍ୱର ମାଝୀ, ଡା. ପ୍ରମୋଦ କୁମାର ଟୁଡୁ ଓ ଡା. ସ୍ୱାତୀ ପ୍ରଧାନ ରୋଗୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ରୋଗୀଙ୍କ ଇସିଜି, ମଧୁମେୟ ପରୀକ୍ଷା, ଉଚ୍ଚ, ନିମ୍ନ ରକ୍ତଚାପ ସମେତ ସାଧାରଣ ରୋଗର ମଧ୍ୟ ଯାଞ୍ଚ କରାଯାଇଥିଲା। ଶିବିରରେ ମନୋଜ ନାରାୟଣ ବାରିକ, ରାଉଳ ପ୍ରଧାନ, ଉତ୍ତମ ନାୟକ, ସୁଚିସ୍ମିତା ପ୍ରଧାନ, ମାନସ ରଥ, ମନୋରଞ୍ଜନ ମହାନ୍ତ, ଚନ୍ଦ୍ରିକା ମହାନ୍ତ, ଉବିସ୍ମିତା ପାତ୍ର ପ୍ରମୁଖ ସହଯୋଗ କରିଥିଲେ।

## ଶିକ୍ଷୟିତ୍ରୀଙ୍କଠାରୁ ସୁନା କାନଫୁଲ ଲୁଟ୍

ମୋରଡା, ୧୮।୧(ସମିସ): ମୋରଡା ଥାନା ଅଞ୍ଚଳର ଜଣେ ଶିକ୍ଷୟିତ୍ରୀ ବିଦ୍ୟାଳୟକୁ ଯାଉଥିବା ବେଳେ ଲୁଟର ଶିକାର ହୋଇଛନ୍ତି। ମୋରଡା ବଜାରରେ ଜଳେଶ୍ୱର ଥାନା ଅଞ୍ଚଳର ଦେବସ୍ମିତା ସେନାପତି ସାନମୁଣ୍ଡାବଣି ପଞ୍ଚାୟତ ଉଫାଳଗଡ଼ିଆ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଶିକ୍ଷୟିତ୍ରୀ ଭାବେ କାର୍ଯ୍ୟରତ। ସେ ଶନିବାର ମୋରଡାରୁ ବିଦ୍ୟାଳୟକୁ ଯାଉଥିବା ବେଳେ ପୂର୍ବାହ୍ନରେ ସରାଇଶୋଳ ନିକଟରେ ହେଲମେଟ ପିନ୍ଧିଥିବା ଦୁଇଜଣ ବ୍ୟକ୍ତି ଏକ ସ୍କୁଟିରେ ଆସି ତାଙ୍କ ସ୍କୁଟିକୁ ଧକ୍କା ଦେଇଥିଲେ। ଫଳରେ ଦେବସ୍ମିତା ପଡ଼ିଯିବା ଭୟରେ ସ୍କୁଟିରୁ ଓହ୍ଲାଇବା ମାତ୍ରେ ଉକ୍ତ ଯୁବକମାନେ ପିନ୍ଧିଥିବା କାନଫୁଲ, ବ୍ୟାଗରେ ଥିବା ୫୦୦ଟଙ୍କା ସହିତ ଏଟିଏମ କାର୍ଡକୁ ଛଡାଇ ନେଇ ଫେରାର ହୋଇଯାଇଥିଲେ। ପରେ ଦେବସ୍ମିତା ମୋରଡା ଥାନାରେ ଲିଖିତ ଅଭିଯୋଗ କରିବା ପରେ ଥାନା ଅଧିକାରୀ ସତ୍ୟନାରାୟଣ ବଳ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଛନ୍ତି।

# ମକର ପର୍ବ ସହ ବିଭିନ୍ନ ସ୍ଥାନରେ ଟୁସୁ ମେଳା



ବହଳଦା, ୧୮।୧(ସମିସ): ମୟୂରଭଞ୍ଜର ଗଣପର୍ବ ମକର ଧୁମଧାମରେ ପାଳିତ ହେଉଛି। ସାଧାରଣତଃ ଚାଉଳ ଧୂଆ, ବାଉଣ୍ଡି ଓ ମକର ସଂକ୍ରାନ୍ତି ପାଳନ ହେଉଥିବା ବେଳେ ପ୍ରକୃତରେ ଏହା ମାସାଧିକ ସମୟ ଧରି ଚାଲେ। ଏବେ ବି ମକର ଉଷ୍ମତା ସମଗ୍ର ଅଞ୍ଚଳରେ ଉପଲବ୍ଧି ହେଉଛି। ସବୁ ଆଡ଼େ ପରବର ମାହୋଲ। ମକର ପର୍ବ ସହ ଅଙ୍ଗାଙ୍ଗୀ ଭାବେ ଜଡ଼ିତ ଟୁସୁ ମେଳା ବି ବିଭିନ୍ନ ସ୍ଥାନରେ ଅନୁଷ୍ଠିତ ହେଉଛି। ବିଭିନ୍ନ ଗାଁରେ ଏବେ ଟୁସୁ ମେଳା ଆୟୋଜନ ଚାଲିଛି। ମକର ପରଦିନ ଅର୍ଥାତ୍ ବୁଧବାର ବହଳଦା ବ୍ଲକର ଶଶ ହାଇସ୍କୁଲ ପଡ଼ିଆରେ ବିରାଟ ଟୁସୁ ମେଳା ଆୟୋଜନ ହୋଇଥିବାବେଳେ ଗୁରୁବାର କୁଲଗିଠାରେ ମଧ୍ୟ ଏହି ମେଳା ଅନୁଷ୍ଠିତ ହୋଇଛି। ଆଜି ବହଳଦା ଇନ୍ଦତାଣ୍ଡିଠାରେ ବିରାଟ ଟୁସୁ ମେଳଣ ଅନୁଷ୍ଠିତ ହୋଇଥିଲା। ହଜାର ହଜାର ପୁରୁଷ ମହିଳା ମେଳା ପଡ଼ିଆରେ ଯୋଗଦେଇଥିଲେ। ପ୍ରାୟ ୨୫ଟି ବଡ, ଛୋଟ ମୂର୍ତ୍ତି ନେଇ ବିଭିନ୍ନ ଗ୍ରାମର ଟୁସୁ କମିଟି ମେଳା ପଡ଼ିଆକୁ ଆସିଥିଲେ। ମାଦଳ, ନାଗରାର ତାଳେ ତାଳେ କୁଡୁମୀ ଯୁବକଯୁବତୀ ନାଚିଥିଲେ। ରାତିରେ ଆୟୋଜକଙ୍କ ପକ୍ଷରୁ ଆଦିବାସୀ ଅପେରା ମଧ୍ୟ ଅନୁଷ୍ଠିତ ହୋଇଥିଲା। ଟୁସୁମେଳାକୁ ଆସିଥିବା ସମସ୍ତ ମୂର୍ତ୍ତିକୁ ପୁରସ୍କୃତ କରାଯାଇଥିଲା। ପ୍ରଥମ ସ୍ଥାନ ଅଧିକାର କରିଥିବା ବଡଟୁସୁ ୨୦ ହଜାର ଟଙ୍କା, ଦ୍ୱିତୀୟ ସ୍ଥାନ ୧୫ ହଜାର ଓ ତୃତୀୟ ସ୍ଥାନ ହାସଲ କରି ପୁରସ୍କାର ବାବଦ ୧୦ ହଜାର ଟଙ୍କା ସେହିପରି ଛୋଟ ମୂର୍ତ୍ତି ବର୍ଗରେ ପ୍ରଥମ ହୋଇଥିବା ଦଳକୁ ୭ ହଜାର, ୨ୟ ୫ ହଜାର ଓ ୩ୟ ସ୍ଥାନ ହାସଲ କରିଥିବା ଦଳକୁ ୩ ହଜାର ଟଙ୍କା ପୁରସ୍କାର ପ୍ରଦାନ କରାଯାଇଥିଲା। ସେହିପରି ବାସିଙ୍ଗିଠାରେ ମଧ୍ୟ ସମାରୋହରେ ଟୁସୁ ମେଳା ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ କ୍ରୀଡା ପ୍ରତିଯୋଗୀତା, ଫୁଟବଲ ଟୁର୍ଣ୍ଣାମେଣ୍ଟ ସହ ସାଂସ୍କୃତିକ ଉତ୍ସବ ମଧ୍ୟ ଆୟୋଜିତ ହେଉଛି।



### ଜମୁଛି ଦ୍ୱାରଶୁଣୀ ଘାଟି ମେଳା



କଳାବାଡିଆ, ୧୮।୧(ସମିସ): ବାଙ୍ଗିରିପୋଷି ଥାନା ଅନ୍ତର୍ଗତ ୪୯ନଂ. ଜାତୀୟ ରାଜପଥ ଘାଟିରେ କେଉଁ ଆବାହନକାଳରୁ ବିରାଜ ମାନ କରିଛନ୍ତି ମା' ଦୁଆରଶୁଣୀ। ପ୍ରତ୍ୟେକ ବର୍ଷ ପରି ମକର ସଂକ୍ରାନ୍ତି ପରେ ମା'ଙ୍କ ପୀଠରେ ନାମ ସଂକୀର୍ତ୍ତନ ସହିତ ୫ ଦିନ ମେଳା ଚାଲିଥାଏ। ଚଳିତ ବର୍ଷ ୧୭ ତାରିଖରୁ ଆରମ୍ଭ ହୋଇଛି ମକର ମେଳା। ଏହା ଆସନ୍ତା ୨୨ ତାରିଖ ପର୍ଯ୍ୟନ୍ତ ଚାଲିବ। ଏହି ମେଳାକୁ ବିହାର, ବେଙ୍ଗଲ, ଝାଡ଼ଖଣ୍ଡରୁ ଶ୍ରଦ୍ଧାଳୁଙ୍କ ସୁଅ ଛୁଟିବାରେ ଲାଗିଛି। ଚଳିତ ବର୍ଷ ଦୁଇ ଲକ୍ଷରୁ ଅଧିକ ଜନସମାଗମ ହେବ ବୋଲି କମିଟି ଆଶଙ୍କା କରିଛି। ଶ୍ରଦ୍ଧାଳୁମାନେ ମା'ଙ୍କ ପୀଠ, ନାମସଂକୀର୍ତ୍ତନ, ପାହାଡ଼, ଝରଣା, ମେଳା ସହିତ ଦ୍ୱିତୀୟ ବିଶ୍ୱଯୁଦ୍ଧ ସମୟର ଗୁମ୍ଫା ଦେଖି ବିମୋହିତ। ତେବେ ମେଳା ଚାଲିଥିବାରୁ ଜାତୀୟ ରାଜପଥ ଘାଟି ରାସ୍ତାରେ ଧୀରେ ଧୀରେ ଚଳାଚଳ କରିବା ପାଇଁ ପ୍ରଶାସନ ତରଫରୁ ନିବେଦନ କରାଯାଇଛି।

### ଆମ୍ବିଲିପାଟ ପୀଠରେ ମକର ମେଳା

ସେହିପରି ବାଙ୍ଗିରିପୋଷି ବ୍ଲକ କଳାବାଡିଆ ପଞ୍ଚାୟତ ଜଗନ୍ନାଥଖୁଣ୍ଟା ଗ୍ରାମରେ ଥିବା ମା' ଆମ୍ବିଲିପାଟ ଦେବୀପୀଠରେ ମକର ମେଳା ଅନୁଷ୍ଠିତ ହୋଇଛି। ମକର ସଂକ୍ରାନ୍ତି ପରେ ପ୍ରତିବର୍ଷ ମକର ମେଳା ଆୟୋଜିତ ହୋଇଥାଏ। ଆମ୍ବିଲିପାଟ ଯୁବ କ୍ଲବ ତରଫରୁ ମା'ଙ୍କ ପୂଜା ଅର୍ଚ୍ଚନା ପରେ ବିଭିନ୍ନ ଖେଳକୁଦ ପ୍ରତିଯୋଗିତା ମାଧ୍ୟମରେ ଦର୍ଶକଙ୍କୁ ବାନ୍ଧି ରଖିଥିଲେ। ଡ୍ୟାନ୍ସ ପ୍ରତିଯୋଗିତା ମୁଖ୍ୟ ଆକର୍ଷଣ ପାଲଟିଥିଲା। କ୍ଲବ ସଭାପତି ସଞ୍ଜିବ ପାତ୍ର, ନିରଞ୍ଜନ ପାତ୍ର, ହାବଲୁ ମଣ୍ଡଳ, ଲବ ଜେନା, କାବୁଲୁ ମଣ୍ଡଳ, ରାଜା ସେଠୀ, ମୁନିଆ ଜେନା, ସତ୍ୟଜିତ କଳିଆ, ବୁଲି ଜେନା, ପ୍ରଦୀପ୍ତ କୁମାର ହୋତା, ପପୁ ପାଣି, ସଞ୍ଜିତ ମିଶ୍ର, ଦିପୁ ଘୋଷ ପ୍ରମୁଖ ଖେଳ ପରିଚାଳନା କରିଥିଲେ। ଖେଳ ଶେଷ ହେବାପରେ ବିଜୟୀ ପ୍ରାର୍ଥୀଙ୍କୁ ପୁରସ୍କୃତ କରାଯାଇଥିଲା।


**ଏନଟିପିସି NTPC — ଏନ ଟି ପି ସି ଲିମିଟେଡ**
(ଭାରତ ସରକାରଙ୍କ ଉଦ୍ୟମ)

**ନୋଟିସ୍**
ପଞ୍ଜିକୃତ କାର୍ଯ୍ୟାଳୟ ଠିକଣା: ଏନଟିପିସି ଭବନ, କୋର-୭, ସ୍କୋପ କମ୍ପ୍ଲେକ୍ସ, ୭-ଇନ୍‌ଷ୍ଟିଚ୍ୟୁସନାଲ ଏରିଆ, ଲୋଧି ରୋଡ, ନୂଆ ଦିଲ୍ଲୀ - ୧୧୦୦୦୩
କର୍ପୋରେଟ୍ ପରିଚୟ ନଂ- L40101DL1975GOI007966

ଉପରୋକ୍ତ ନାମିତ ଆବେଦନକାରୀ ତା.୦୧.୦୪.୨୦୨୪ରିଖରୁ ୩୧.୦୩.୨୦୨୯ ପର୍ଯ୍ୟନ୍ତ ଫରକ୍କା ସୁପର ଥର୍ମାଲ ପାୱାର ଷ୍ଟେସନ, ଷ୍ଟେଜ- ୩ (୫୦୦ ମେଗାୱାଟ୍)ର ଟାରିଫ ନିର୍ଦ୍ଧାରଣ ପାଇଁ କେନ୍ଦ୍ରୀୟ ବିଦ୍ୟୁତ ନିୟାମକ ଆୟୋଗ (ସିଇଆରସି), ନୂଆ ଦିଲ୍ଲୀଙ୍କ ସମ୍ମୁଖରେ ଆବେଦନ କରିଅଛନ୍ତି।

**୧. ଉତ୍ପାଦକ ଷ୍ଟେସନର ଲାଭାର୍ଥୀ:**
କ) ପଶ୍ଚିମବଙ୍ଗ ବିଦ୍ୟୁତ ବିତରଣ କମ୍ପାନୀ ଲିମିଟେଡ୍, ବିଦ୍ୟୁତ ଭବନ, ବ୍ଲକ-ଡିଜେ, ସେକ୍ଟର-II, ସଲ୍ଟ ଲେକ୍ ସିଟି, କୋଲକାତା - ୭୦୦୦୯୧
ଖ) ବିହାର ରାଜ୍ୟ ବିଦ୍ୟୁତ ଧାରଣ କମ୍ପାନୀ ଲିମିଟେଡ୍ (ପୂର୍ବରୁ ବିହାର ରାଜ୍ୟ ବିଦ୍ୟୁତ ବୋର୍ଡ), ବିଦ୍ୟୁତ ଭବନ, ବେଲୀ ରୋଡ୍, ପଟନା - ୮୦୦୦୦୧
ଗ) ଝାଡଖଣ୍ଡ ବିଜୁଳି ବିତରଣ ନିଗମ ଲିମିଟେଡ୍, ଇଞ୍ଜିନିୟରିଂ ଭବନ, HEC ଟାଉନସିପ୍, ଧୁର୍ଵା, ରାଞ୍ଚି - ୮୩୪୦୦୪
ଘ) ଗ୍ରିଡ୍ କର୍ପୋରେସନ୍ ଅଫ୍ ଓଡ଼ିଶା ଲିମିଟେଡ୍, ୨୪, ଜନପଥ, ଭୁବନେଶ୍ୱର - ୭୫୧୦୦୭
ଙ) ଗୁଜରାଟ ଉର୍ଜା ବିକାଶ ନିଗମ୍ ଲିମିଟେଡ୍, ସରଦାର ପଟେଲ ବିଦ୍ୟୁତ ଭବନ, ରେସ୍କୋର୍ସ, ବଡୋଦା, ଗୁଜରାଟ - ୩୯୦୦୦୭
୨. ଉତ୍ପାଦନ କେନ୍ଦ୍ରର କ୍ଷମତା: 500 ମେଗାୱାଟ୍
୩. ପ୍ରକଳ୍ପର ଅନୁମୋଦିତ ମୂଳଧନ ଖର୍ଚ୍ଚ: ₹2761.87 କୋଟି
୪. ମୂଳଧନ ଖର୍ଚ୍ଚ ଅନୁମୋଦନ କରିଥିବା କର୍ତ୍ତୃପକ୍ଷ: CEA
୫. ବାଣିଜ୍ୟିକ ସଞ୍ଚାଳନର ନିର୍ଦ୍ଧାରିତ ତାରିଖ: ଅପ୍ରସଙ୍ଗିକ
୬. କେନ୍ଦ୍ରର ବାଣିଜ୍ୟିକ ସଞ୍ଚାଳନର ପ୍ରକୃତ ତାରିଖ: 04.04.2012
୭. ବାଣିଜ୍ୟିକ ସଞ୍ଚାଳନର ତାରିଖରେ ମୂଳଧନ ଖର୍ଚ୍ଚ: ଅପ୍ରସଙ୍ଗିକ
୮. ଶୁଳ୍କ ବିବରଣୀ:

| ବିବରଣୀ | ପୂର୍ବ ବର୍ଷ ପାଇଁ ଟାରିଫ | ବର୍ଷ ଅନୁଯାୟୀ ଟାରିଫ ନିର୍ଦ୍ଧାରଣ କରାଯାଉଅଛି | | | | |
|---|---|---|---|---|---|---|
| | | 2024-25 | 2025-26 | 2026-27 | 2027-28 | 2028-29 |
| ୧. କ୍ଷମତା ପ୍ରଭାର (ଟ.ଲକ୍ଷ/ବର୍ଷ) | 67576.10 | 65325.71 | 57867.27 | 58624.96 | 57481.37 | 58535.61 |
| ୨. ଉର୍ଜା ପ୍ରଭାର (ଟ./ ପ୍ରତି ୟୁନିଟ୍) | 3.987 | 3.234 | | | | |

ମାନନୀୟ ସିଇଆରସିଙ୍କ ସମ୍ମୁଖରେ ଦାଖଲ ଫରକ୍କା ସୁପର ଥର୍ମାଲ ପାୱାର ଷ୍ଟେସନ, ଷ୍ଟେଜ- ୨ (୧*୫୦୦ ମେଗାୱାଟ୍) ପାଇଁ ୨୦୧୯-୨୪ ଅବଧି ହେତୁ ଟାରିଫର ଟ୍ରୁ-ଅପ ନିମନ୍ତେ ଦାୟର ଯାଚିକା ଅନୁଯାୟୀ।
୯. ଟାରିଫର ନିର୍ଦ୍ଧାରଣ ହେତୁ ଦାଖଲ ଆବେଦନର ଏକ କପି ଏନଟିପିସିର ୱେବସାଇଟ www.ntpc.co.in ରେ ଟ୍ୟାବ 'ନୋଟିସ୍'ର ଅନ୍ତର୍ଗତ ପ୍ରକାଶିତ ହୋଇଅଛି।
୧୦. ପିଟିସନର ଅନ୍ତର୍ଗତ ଟାରିଫ ନିର୍ଦ୍ଧାରଣ ହେତୁ ପ୍ରସ୍ତାବରେ ଲାଭାର୍ଥୀ ସହିତ କୌଣସି ବ୍ୟକ୍ତି ଦ୍ୱାରା ପ୍ରସ୍ତାବ କିମ୍ବା ଅଭିଯୋଗ, ଯଦି ଥାଏ ତେବେ ସେହି ନୋଟିସ୍ ପ୍ରକାଶନର ୩୦ ଦିନ ଭିତରେ ଯାଚିକାକର୍ତ୍ତାଙ୍କୁ ଏହାର ଏକ ନକଲ ସହିତ ଆୟୋଗର ଇ-ଫାଇଲିଙ୍ଗ ପୋର୍ଟାଲ ମାଧ୍ୟମରେ ପ୍ରସ୍ତୁତ କରାଯାଇପାରିବ।
ସ୍ଥାନ: ନୋଏଡା (ଉ.ପ୍ର.) (ପ୍ରଶାନ୍ତ ଚତୁର୍ବେଦୀ)
ତାରିଖ: ୩୧.୧୨.୨୦୨୪ ଅତିରିକ୍ତ ମହାପ୍ରବନ୍ଧକ (ବାଣିଜ୍ୟିକ)

ବିଦ୍ୟୁତ କ୍ଷେତ୍ରରେ ଅଗ୍ରଣୀ

ପିଆରଏମ ମେଡିକାଲ କଲେଜ ନୂତନ କ୍ୟାମ୍ପସ ଉଦ୍‌ଘାଟନକୁ ୧୦ ମାସ ବିତିଲା

# ପୂର୍ଣ୍ଣ କାର୍ଯ୍ୟକ୍ଷମ ହୋଇପାରୁନି ୬୫୦ ଶଯ୍ୟା ବିଶିଷ୍ଟ ହସ୍‌ପିଟାଲ

ବାରିପଦା, ୧୮ ।୧(ସମିସ)



ସ୍ୱାସ୍ଥ୍ୟ ଭିତ୍ତିଭୂମିକୁ ବିଶ୍ୱସ୍ତରୀୟ କରିବା ପାଇଁ ଜିଲ୍ଲା ସଦର ମହକୁମା ବାରିପଦାର ରଙ୍ଗାମାଟିଆଠାରେ ପଣ୍ଡିତ ରଘୁନାଥ ମୁର୍ମୁ ମେଡିକାଲ କଲେଜ ଏବଂ ହସ୍ପିଟାଲର ୬୫୦ ଶଯ୍ୟା ବିଶିଷ୍ଟ ଟିଚିଙ୍ଗ ହସ୍ପିଟାଲ ଗତ ମାର୍ଚ୍ଚ ୨ ତାରିଖରେ ଉଦଘାଟିତ ହୋଇଥିଲା। ଇତିମଧ୍ୟରେ ୧୦ ମାସରୁ ଊର୍ଦ୍ଧ୍ୱ ସମୟ ବିତିଥିଲେ ଯାଇଥିଲେ ହେଁ ଏଯାଏଁ ପୂର୍ଣ୍ଣ କାର୍ଯ୍ୟକ୍ଷମ ହୋଇପାରୁନି। ଡବଲ ଇଞ୍ଜିନ ବିଜେପି ସରକାରର ଜିଲ୍ଲାରୁ ୨ ମନ୍ତ୍ରୀ, ୪ ସାଂସଦ ଓ ୭ଜଣ ଦଳୀୟ ବିଧାୟକ/ବିଧାୟିକା ପ୍ରତିନିଧିତ୍ୱ କରୁଥିଲେ ହେଁ ଏଥିପ୍ରତି କାହାରି ଆନ୍ତରିକତା ରହିଥିବା ପରି ମନେ ହେଉନାହିଁ। ତତ୍କାଳୀନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ପରିକଳ୍ପନା ତଥା ହସ୍ପିଟାଲର ନୂତନ କ୍ୟାମ୍ପସ ଜିଲ୍ଲାର ଜନସାଧାରଣଙ୍କ ସେବା ନିମନ୍ତେ ଲୋକାର୍ପିତ ହୋଇଥିଲେ ହେଁ କାମରେ ଆସୁନି। ପୂର୍ବ ଭଳି ଜିଲ୍ଲା ମୁଖ୍ୟ ଡାକ୍ତରଖାନାରେ ମେଡ଼ିକାଲ କଲେଜ ଓ ହସ୍ପିଟାଲ ପରିଚାଳିତ ହେଉଥିବାରୁ ଆଶା ମଉଳିଛି। କଥାକଥାରେ ଗୁରୁତର ରୋଗୀ ପୂର୍ବଭଳି କଟକ ଓ ଭୁବନେଶ୍ୱର ସ୍ଥାନାନ୍ତର କରାଯାଉଥିବାର ଅକାଳରେ ଜୀବନ ଯାଉଛି। ମାର୍ଚ୍ଚ ୨ତାରିଖରୁ ନୂତନ ହସ୍ପିଟାଲରେ ୪ଟି ବିଭାଗରେ ଓପିଡି ଖୋଲାଯାଇ ରୋଗୀସେବା ଆରମ୍ଭ ହୋଇଛି। କେବଳ ମାନସିକ ରୋଗ ଚିକିତ୍ସା ବିଭାଗ ସହିତ ନାସା, କର୍ଣ୍ଣ ଓ ଗଳା ଚିକିତ୍ସା, ଚର୍ମରୋଗ ଚିକିତ୍ସା ଏବଂ ମେଡିସିନ ବିଭାଗର ୨୪ ଘଣ୍ଟିଆ ଓପିଡି ଖୋଲାରହିଛି। ପର୍ଯ୍ୟାୟକ୍ରମେ ଅନ୍ୟ ବିଭାଗ ଗୁଡିକ ଜିଲ୍ଲା ମୁଖ୍ୟ ହସ୍ପିଟାଲରୁ ସ୍ଥାନାନ୍ତର କରାଯାଇ ଏଠାରେ ସ୍ୱଙ୍ଗ ସମ୍ପୂର୍ଣ୍ଣ ଚିକିତ୍ସା ସେବା ଉପଲବ୍ଧ ହେବା କଥା; କିନ୍ତୁ ତାହା ହେଉ ନଥିବାରୁ ଖୋଲାଯାଇଥିବା ୪ଟି ବିଭାଗକୁ ମଧ୍ୟ ରୋଗୀ ଆସୁନାହାନ୍ତି। ଏହି ହସ୍‌ପିଟାଲରେ ଜିଲ୍ଲା ସମେତ ଝାଡଖଣ୍ଡ ଓ ପଶ୍ଚିମବଙ୍ଗର ବହୁ ରୋଗୀ ନିର୍ଭର କରନ୍ତି। ବିଜେପି ରାଜ୍ୟର ଶାସନ ଭାର ନେବା ପରେ ଗତ ଦୁଇଟି ସେସନର ବିଧାନସଭାରେ ଏହି ହସ୍ପିଟାଲ ସମସ୍ୟା ନେଇ କୌଣସି ବିଧାୟକ/ବିଧାୟିକା ଥରୁଟିଏ ବି ପ୍ରଶ୍ନ କରିନାହାନ୍ତି। ଫଳରେ ୮ମାସରୁ ଅଧିକ ଦିନ ହେଲା ଶାସନ କରି ବିଜେପି କିନ୍ତୁ ସୁଶାସନ କରିଥିବା ଡିଣ୍ଡିମ ପିଟି ଚାଲିଛି। ଜିଲ୍ଲାରୁ ପ୍ରତିନିଧିତ୍ୱ କରିଥିବା ୯ଜଣ ବିଧାୟକ ଏହି ପ୍ରସଙ୍ଗକୁ ସମ୍ପୂର୍ଣ୍ଣଭାବେ ଭୁଲି ଯାଇଛନ୍ତି। ବାରିପଦାର ବିଧାୟକ ପ୍ରକାଶ ସୋରେନ୍ ଗତ ଦୁଇଟି ସେସନରେ ୧୨ଟି ଅଣତାରକା ପ୍ରଶ୍ନ କରିଥିବାବେଳେ ପିଆରଏମ ମେଡିକାଲ କଲେଜ ନେଇ କୌଣସି ପ୍ରଶ୍ନ କରିନାହାନ୍ତି। କିନ୍ତୁ ପ୍ରତିଦିନ ସେ ସକାଳୁ ସଞ୍ଜ ଯାଏ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଉପସ୍ଥିତ ରହିଥାନ୍ତି। ଶୁକ୍ରବାର ସନ୍ଧ୍ୟା ହେବାମାତ୍ରେ ଡାକ୍ତରଙ୍କଠାରୁ ଆରମ୍ଭ କରି ବଡ ବଡିଆ ପ୍ରଶାସନିକ ଅଧିକାରୀ ଅଘୋଷିତ ଛୁଟିରେ ପଳାଉଛନ୍ତି। ଫଳରେ ଲୋକେ ସେବା ପାଉନାହାନ୍ତି। ରାଜ୍ୟର ସ୍ୱାସ୍ଥ୍ୟ ସେବା ଭିତ୍ତିଭୂମିକୁ ଆହୁରି ସୁଦୃଢ କରିବା ପାଇଁ ବିଭିନ୍ନ ସରକାରୀ ମେଡିକାଲ କଲେଜରେ ଟିଚିଂ ହସ୍ପିଟାଲର ଉଦଘାଟନ ହୋଇଛି; ହେଲେ ଏବେ ଯାଏ କାର୍ଯ୍ୟକ୍ଷମ ହୋଇପାରିନାହିଁ। ଜିଲ୍ଲା ଚିକିତ୍ସାଳୟରେ ଏବେ ବି ସବୁ ବିଭାଗ କାର୍ଯ୍ୟ କରୁଛି। ପିଆରଏମ ହସ୍ପିଟାଲ କ୍ୟାମ୍ପସରେ କେବଳ ଆପତକାଳୀନ ସେବା ରହିଛି। ଏବେ ବି ଛାତ୍ରଛାତ୍ରୀ ସେଠାରେ ରହୁଛନ୍ତି ଗୋଟିଏ ସ୍ଥାନରେ ଓ ପ୍ରାକ୍ଟିକାଲ କରୁଛନ୍ତି ଆଉ ଗୋଟିଏ ସ୍ଥାନରେ। ଗତ ୨୦୧୭ରେ ମେଡିକାଲ କଲେଜର ମାନ୍ୟତା ପାଇଥିବା ପଣ୍ଡିତ ରଘୁନାଥ ମୁର୍ମୁ ମେଡିକାଲ କଲେଜ ଓ ଚିକିତ୍ସାଳୟ ଏବେ ୧୨୫ ସିଟରେ ଏମବିବିଏସ ପାଠ୍ୟକ୍ରମ ଚାଲୁ ରହିଛି। ଏହାକୁ ୬୫୦ ଶଯ୍ୟା ବିଶିଷ୍ଟ କରାଯାଇଛି। ଏଠାରେ ଆସନ୍ତା ଶିକ୍ଷାବର୍ଷ ପାଇଁ ୧୫ଟି ସିଟରେ ପିଜି ଆରମ୍ଭ ହେବାକୁ ଯାଉଥିବାବେଳେ ମେଡିସିନ, ସର୍ଜରୀ, ସ୍ତ୍ରୀ ଓ ପ୍ରସୂତି ବିଭାଗ, ପେଡ଼ିଆଟ୍ରିକ୍ ଓ ଆନାସ୍ଥେସିଆ ବିଭାଗ ରହିଛି। ଆବେଦନର ଶେଷ ତାରିଖ ରହିଥିବାବେଳେ ଆସନ୍ତା ଦୁଇ ମାସ ମଧ୍ୟରେ ନ୍ୟାସନାଲ ମେଡିକାଲ କାଉନସିଲ ଏହିଠାକୁ ଆସିବ। ଭିତ୍ତିଭୂମି ଦେଖିବା ପରେ ପାଠ୍ୟକ୍ରମ ପାଇଁ ଅନୁମୋଦନ ମିଳିବ ବୋଲି ଜଣାପଡ଼ିଛି। ବାରିପଦା ଉପକଣ୍ଠ ରଙ୍ଗମାଟିଆ ଅଞ୍ଚଳରେ ୨୧.୦୨ ଏକର ଜମିରେ ରହିଥିବାବେଳେ ଭିତ୍ତିଭୂମି ୧୨ ଏକର ଜମିରେ ଠିଆ ହୋଇଛି। ଗତ ୨୦୨୩ ମାର୍ଚ୍ଚ ସୁଦ୍ଧା ଜିଲ୍ଲା ଚିକିତ୍ସାଳୟରୁ ସବୁ ବିଭାଗ ପିଆରଏମ ମେଡିକାଲ କଲେଜକୁ ଯାଇପାରିନି। ଏହାସହ ସୁପରସ୍ପେସିଆଲିଟି ହସ୍ପିଟାଲ ଭାବେ କାର୍ଡିଓଲୋଜି, ଇଣ୍ଡୋକ୍ଲାଇନୋଲୋଜି, ଗ୍ୟାଷ୍ଟ୍ରୋଲୋଜି, ନ୍ୟୁରୋଲୋଜି, ନେପ୍ରୋଲୋଜି, ନ୍ୟୁରୋସର୍ଜନଲୋଜି, କାର୍ଡିଓଲୋଜିକ ବିଭାଗ ଓ ପ୍ଲାଷ୍ଟିକ ସର୍ଜନ ଆଦି ବିଭାଗ ଖୋଲିପାରିନି। ଏଥିସହ ୬୫୦ ବେଡ ଘୋଷଣା ହୋଇଥିବାବେଳେ ଏ ଯାଏ ଆବଶ୍ୟକ ଶଯ୍ୟା, ଡାକ୍ତରୀ ସରଞ୍ଜାମ ଓ ଆସବାବପତ୍ର ଆସିନାହିଁ। ଗତ ବର୍ଷ ଶେଷ ସୁଦ୍ଧା ଜିଲ୍ଲା ଚିକିତ୍ସାଳରୁ ସବୁ ବିଭାଗ ରଙ୍ଗମାଟିଆସ୍ଥିତ ମେଡିକାଲ କଲେଜକୁ ସ୍ଥାନାନ୍ତର ହେବାକୁ ରହିଥିବାବେଳେ ପ୍ରଥମ ପର୍ଯ୍ୟାୟରେ କେବଳ ଆପତକାଳୀନ ବିଭାଗ ସେଠାକୁ ଯାଇ କାର୍ଯ୍ୟକ୍ଷମ ହୋଉଛି। ଏ ଯାଏ ନନ୍‌କ୍ଲିନିକାଲ ବିଭାଗ ଯେପରି ଆନାଟୋମି, ସାଇକାଟ୍ରିକ୍, ବାୟୋକେମେଷ୍ଟ୍ରି, ଫାର୍ମାଟୋଲୋଜି, ଏଫଏମଟି, ମାଇକ୍ରୋବାଇଲୋଜି, କମ୍ୟୁନିଟି ମେଡିସିନ୍ ଓ ପାଥୋଲୋଜି ବିଭାଗ ଜିଲ୍ଲା ଚିକିତ୍ସାଳୟରେ କାର୍ଯ୍ୟକରୁଛି। ସେହିପରି ୧୩ଟି କ୍ଲିନିକାଲ ବିଭାଗ ଯେପରି ମେଡିସନ୍, ସର୍ଜରୀ, ଗାଏନୋକୋଲଜି, ପେଡ଼ିଆଟ୍ରିକ୍, ଅର୍ଥୋପେଡ଼ିକ୍, ସାଇକାଟ୍ରିକ୍, ସ୍କିନ୍, ରେଡିଓଲୋଜି, ପୁଲମୋନାରୀ, ଆନାସ୍ଥେସିଆ, ଚକ୍ଷୁ, ଏନଇଟି ଓ ଦନ୍ତ ବିଭାଗ ରହିଛି। ଆଗାମୀ ଦିନରେ ଉପରୋକ୍ତ ସମସ୍ୟାର ସମାଧାନ ନହେଲେ ପୁଞ୍ଜିଭୂତ ଅସନ୍ତୋଷ ଜନ ଆନ୍ଦୋଳନ ରୂପ ଧାରଣ କରିବ ବୋଲି ସାଧାରଣରେ ମତପ୍ରକାଶ ପାଇଛି।

- ଜିଲ୍ଲାର ମନ୍ତ୍ରୀ, ବିଧାୟକଙ୍କ ଆନ୍ତରିକତା ନାହିଁ
- ଡବଲ ଇଞ୍ଜିନ ସରକାରକୁ ବିତିବ ୮ ମାସ

୧୬, ୬୦୦ ରାସନ କାର୍ଡ ଯାଞ୍ଚ ତାଲିକା ପ୍ରକାଶ

## ଜାନୁଆରୀ ମାସର ଚାଉଳ ବଣ୍ଟନ ସ୍ଥଗିତ

**ବାରିପଦା, ୧୮ ।୧(ସମିସ):** ଜାତୀୟ ଖାଦ୍ୟ ସୁରକ୍ଷା ଯୋଜନାରେ ସାମିଲ ମୟୂରଭଞ୍ଜ ଜିଲ୍ଲାରେ ୧୬ହଜାର ୬୦୦ପରିବାରର ରାସନ କାର୍ଡ ଯାଞ୍ଚ ପାଇଁ ତାଲିକା ପ୍ରକାଶ ପାଇଛି। ଏହି ତାଲିକା ପ୍ରତ୍ୟେକ ବଣ୍ଟନ କେନ୍ଦ୍ରରେ କେନ୍ଦ୍ରୱାରୀ ପ୍ରଦର୍ଶିତ ହେବ ବୋଲି ଜିଲ୍ଲା ଯୋଗାଣ କାର୍ଯ୍ୟାଳୟ ସୂତ୍ରରୁ ପ୍ରକାଶ। ପ୍ରଥମ ପର୍ଯ୍ୟାୟର ଏହି ତାଲିକାରେ ମାସକୁ ୧୦ହଜାର ଟଙ୍କାରୁ ଊର୍ଦ୍ଧ୍ୱ ଦରମା ସରକାରୀଭାବେ ପାଉଥିବା ବ୍ୟକ୍ତି ଏବଂ ପରିବାର ସଦସ୍ୟଙ୍କ ନାମ ରହିଛି। ପରିବାରର କାର୍ଡ ହେବା ପରେ ଚାକିରି ପାଇଥିବା ସଦସ୍ୟ ବା ପାରିଶ୍ରମିକ/ ଦରମା ବୃଦ୍ଧି ଘଟିଥିବା ଅଧିକାଂଶଙ୍କ ନାମ ରହିଛି। ତନ୍ମଧ୍ୟରୁ ସଂଖ୍ୟାଧିକ ଗୃହରକ୍ଷୀ, ରୋଷେୟା, ଜଗୁଆଳି ରହିଛନ୍ତି। ଏପରିକି ଯୋଗାଣ ବିଭାଗ, ପଞ୍ଚାୟତିରାଜ ବିଭାଗର ମଧ୍ୟ କର୍ମଚାରୀ ରହିଛନ୍ତି। ସବୁଠାରୁ ବଡ଼ କଥା ହେଲା, ଏହି ତାଲିକିରେ ଡାକ୍ତର, ଅଧ୍ୟାପକ, ଇଞ୍ଜିନିୟର ଭଳି ମଧ୍ୟ ଚାକିରିଆ ଅଛନ୍ତି। ସେମାନେ ଚାକିରି ପାଇବା ପରେ ପରିବାର ସଦସ୍ୟ ତାଲିକିରୁ ନିଜ ନାମ ସ୍ୱତପ୍ରବୃତ୍ତ ଭାବେ ନ କାଟି ସରକାରୀ ଚାଉଳ ନେଉଥିବା ହେତୁ ଅନେକ ଗରିବ ଆଶାୟୀ ଆବେଦନ ତାଲିକାରେ ରହିଛନ୍ତି। ତେବେ ବିଜୁ ସ୍ୱାସ୍ଥ୍ୟ କାର୍ଡ ସହାୟତା ପାଇଁ ଅଧିକାଂଶ ନାମ କାଟି ନ ଥିବା ଚର୍ଚ୍ଚା ହେଉଛି। ମୟୂରଭଞ୍ଜ ଜିଲ୍ଲାର ୨୬ଟି ବ୍ଲକ, ୪ଟି ପୌରାଞ୍ଚଳକୁ ମିଶାଇ ବର୍ତ୍ତମାନ ୬ଲକ୍ଷ ୧ହଜାର ୩୪୨ପରିବାର ସଦସ୍ୟ ରାସନ କାର୍ଡ ଜରିଆରେ ମାଗଣାର ଚାଉଳ ଓ ଅନ୍ୟାନ୍ୟ ସୁବିଧା ପାଉଛନ୍ତି। ପ୍ରଥମ ପର୍ଯ୍ୟାୟରେ ୧୬ ହଜାର ୬୦୦ କାର୍ଡ ଚିହ୍ନଟ ଇ-କେଓ୍ୱାଇସି ତଥା ଆଧାର ନମ୍ବର ସଂଯୋଗୀକରଣ ଦ୍ୱାରା ଧରାପଡ଼ିଥିବା କୁହାଯାଇଛି। ଏହା ପରେ ପରବର୍ତ୍ତୀ ପର୍ଯ୍ୟାୟରେ ଆୟକର ଦେଉଥିବା ଏବଂ ତାପରେ ୪ଚକିଆ ଯାନ ଥିବା ପରିବାର ସଦସ୍ୟଙ୍କ ପାଳି ପଡ଼ିବ ବୋଲି ଜଣେ ଅଧିକାରୀ ନିଜର ନାମ ଗୋପନ ରଖି ସୂଚନା ଦେଇଛନ୍ତି। ଆସନ୍ତା ଫେବୃଆରୀ ପହିଲା ପୂର୍ବରୁ ଯାଞ୍ଚ ସାରିବାକୁ ନିର୍ଦ୍ଦେଶ ରହିଛି।

## ବାର୍‌ହା ମାଂସ ଜବତ; ୩ ଶିକାରୀ ଗିରଫ

**କଳାବାଡିଆ, ୧୮ ।୧(ସମିସ):** ବାଙ୍ଗିରିପୋଷି ଥାନା ବଡ଼ଗାଁ ରେଞ୍ଜ ଶିମିଳିପାଳ ଅଭୟାରଣ୍ୟରେ କିଛି ଶିକାରୀ ଏକ ବାର୍‌ହା ଶିକାର କରି ରୋଷେଇ କରୁଥିବା ବେଳେ ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପ ବଳ (ଏସଟିଆରଏଫ) ଟିମ ମାଡି ବସିଥିଲା। ସେମାନଙ୍କ ମଧ୍ୟରୁ ଏସଟିଆରଏଫ ଟିମ ୩ ଜଣ ଶିକାରୀଙ୍କୁ ଅଟକ ରଖିବା ସହିତ ୬ କେଜିରୁ ଅଧିକ ବାର୍‌ହା ମାଂସ, ଡେକଚି, ଦୁଇଟି କୁରାଡି ଏବଂ ବାସନ ଜବତ କରିଛି। ତେବେ ଅଧିକ ତଦନ୍ତ ଚାଲୁଥିବାରୁ ଶିକାରୀଙ୍କ ନାମ ପ୍ରକାଶ କରାଯାଇ ନାହିଁ। ବାଙ୍ଗିରିପୋଷି ପ୍ରାଣୀ ଚିକିତ୍ସାଳୟରେ ମାଂସ ପରୀକ୍ଷା କରାଯାଇଛି। ଏବେ ମକର ପର୍ବ ଚାଲିଥିବାରୁ ଶିକାରୀଙ୍କ ପ୍ରାଦୁର୍ଭାବ ବଢୁଥିବାରୁ ବନବିଭାଗ ଚିନ୍ତା ପ୍ରକଟ କରିଛି।

## ପ୍ରସୂତିଙ୍କୁ ନେଇ ଡେମୋ କ୍ଲାସ କରିବା ଘଟଣା; ମାମଲା ରୁଜୁ

ବାରିପଦା, ୧୮ ।୧(ସମିସ): ବାରିପଦା ପିଆରଏମ ମେଡ଼ିକାଲ କଲେଜ ଏବଂ ହସ୍ପିଟାଲର ସ୍ତ୍ରୀ ଓ ପ୍ରସୂତି ବିଭାଗରେ ପରିବାରର ବିନା ଅନୁମତିରେ ଜଣେ ପ୍ରସୂତିଙ୍କୁ ନେଇ ଡେମୋ କ୍ଲାସ କରିବା ଘଟଣାକୁ ନେଇ ଏକ ମାମଲା ରୁଜୁ ହୋଇଛି। ବିଭାଗୀୟ ମୁଖ୍ୟ ଡା. ରୀତାଞ୍ଜଳି ବେହେରାଙ୍କ ବିରୋଧରେ ପ୍ରସୂତିଙ୍କ ସ୍ୱାମୀ ବାରିପଦା ଟାଉନ ଥାନାରେ ଅଭିଯୋଗ କରିଛନ୍ତି। ପୁଲିସ ଏକ ମାମଲା ରୁଜୁ କରିଛି। ସୂଚନାଯୋଗ୍ୟ ଯେ, ଜନୈକା ମହିଳାଙ୍କ ପ୍ରସବ ବେଦନା ହେବାରୁ ପିଆରଏମ ହସ୍‌ପିଟାଲରେ ଭର୍ତ୍ତି କରାଯାଇଥିଲା। ତେବେ ଛୁଆ ଜନ୍ମ ହେବା ପରେ ଗତ ସୋମବାର ଡିସଚାର୍ଜ କରିବା ପୂର୍ବରୁ ବିଭାଗ ମୁଖ୍ୟ ଡା ବେହେରା ଏପରି କାର୍ଯ୍ୟ କରିଥିଲେ ବୋଲି ଅଭିଯୋଗ ହୋଇଥିଲା। ଡେମୋ କ୍ଲାସରେ ତାଙ୍କୁ ନିଆଯାଇ ଉକ୍ତ ବିଭାଗର ୨୦ଜଣରୁ ଊର୍ଦ୍ଧ୍ୱ ଡାକ୍ତରୀ ଛାତ୍ରଙ୍କ ସମ୍ମୁଖରେ ତାଙ୍କ ଅଙ୍ଗପ୍ରତ୍ୟଙ୍ଗ ଦେଖାଇ ଥିବା ନେଇ ପରିବାର ଅଧକ୍ଷଙ୍କୁ ଭେଟି ଅଭିଯୋଗ ପତ୍ର ଦେଇଥିଲେ; କିନ୍ତୁ କୌଣସି କାର୍ଯ୍ୟାନୁଷ୍ଠାନ ନ ହେବାରୁ ପୁଣି ବାରିପଦା ଟାଉନ ଥାନାରେ ଅଭିଯୋଗ ହେବା ପରେ ମାମଲା ରୁଜୁ ହୋଇଛି। ତେବେ ଉକ୍ତ ଅଭିଯୋଗକୁ ଡା. ବେହେରା ଖଣ୍ଡନ କରିଛନ୍ତି। ପ୍ରସବ ହେବା ପରେ ରୁଟିନ ସ୍ୱାସ୍ଥ୍ୟ ଯାଞ୍ଚ କରାଯାଉଥିଲା। ଡିସଚାର୍ଜ ପାଇଁ ବିଳମ୍ବ ହେବାରୁ ତାଙ୍କ ସ୍ୱାମୀ ମିଥ୍ୟା ଅଭିଯୋଗ କରିଛନ୍ତି ବୋଲି ସେ କହିଛନ୍ତି।

ଆଦିବାସୀ ପାରମ୍ପରିକ ଗ୍ରାମସଭା ପକ୍ଷରୁ ଜିଲ୍ଲାପାଳଙ୍କୁ ଦାବିପତ୍ର

## ସାନ୍ତାଳୀ ପ୍ରଥାର ବିଲୋପ ପ୍ରୟାସକୁ ବିରୋଧ



**ବାରିପଦା, ୧୮ ।୧(ସମିସ):** ଆଦିବାସୀ ଗ୍ରାମଗୁଡିକରେ ସାନ୍ତାଳୀ ସମ୍ପ୍ରଦାୟର ଥିବା ପ୍ରଥାକୁ ବିଲୋପ କରିବାକୁ ପ୍ରୟାସ କରାଯାଉଛି; ଯାହାକୁ ବିରୋଧ କରି ଆଦିବାସୀ ପାରମ୍ପରିକ ଗ୍ରାମସଭା ପକ୍ଷରୁ ଜିଲ୍ଲାପାଳ ହେମକାନ୍ତ ସଏଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଜିଲ୍ଲାର ବାଙ୍ଗିରିପୋଷି ବ୍ଲକ ଅନ୍ତର୍ଗତ ଦରକଣ୍ଟିଆ ଗ୍ରାମରେ ପାରମ୍ପରିକ ଗ୍ରାମସଭା ପକ୍ଷରୁ ସେଙ୍ଗଲ ଅଭିଯାନ ସଂଗଠନର ମୁଖ୍ୟ ସାଲଖାନ ମୁର୍ମୁ, ନାରାନ ମୁର୍ମୁ ଓ ଅନ୍ୟ କର୍ମକର୍ତ୍ତାଙ୍କ ନାମରେ ଅଭିଯୋଗ କରିଛନ୍ତି। ଦରକଣ୍ଟିଆ ଗ୍ରାମରେ ଆଦିବାସୀ ସାନ୍ତାଳ ସମାଜର ସାମାଜିକ ବ୍ୟବସ୍ଥା ପ୍ରଥାକୁ ଅପଭ୍ରଷ୍ଟ, ବିଲୋପ, ଧ୍ୱଂସ କରି ସାନ୍ତାଳ ସମାଜର ବିଶୃଙ୍ଖଳା, ଶାନ୍ତିଭଙ୍ଗ କରିବାକୁ ପ୍ରୟାସ କରୁଛନ୍ତି। ଯାହାକି ମାଝୀ ପାରଗାନାକୁ ଅସମ୍ମାନ, ଅପମାନ, ଅବମାନନା, ମାନହାନୀ କରି ଏକ ସାମାଜିକ ଦଙ୍ଗା ସୃଷ୍ଟି କରୁଛନ୍ତି ବୋଲି ଅଭିଯୋଗ କରିଛନ୍ତି। ଆଦିବାସୀ ସମାଜରେ ପ୍ରତ୍ୟେକ କାର୍ଯ୍ୟକଳାପ ଜନ୍ମଠାରୁ ମୃତ୍ୟୁ ପର୍ଯ୍ୟନ୍ତ କାର୍ଯ୍ୟ ଗ୍ରାମର ମୁଖିଆ ମାଝୀ ବାବାଙ୍କଦ୍ୱାରା ସମ୍ପନ୍ନ ହୋଇଥାଏ। ଆସନ୍ତା ୨୦ ତାରିଖରେ ଦରକଣ୍ଟିଆ ଗ୍ରାମର ସୁନ୍ଦର ମାଝୀଙ୍କ ସ୍ତ୍ରୀର ଶୁଦ୍ଧିକ୍ରିୟାକୁ ସେଙ୍ଗଲ ଅଭିଯାନର ମୁଖ୍ୟ ସାଲଖାନ ମୁର୍ମୁ ସାନ୍ତାଳ ସମାଜର ବ୍ୟବସ୍ଥା କ୍ରିୟାକର୍ମ ଶୁଦ୍ଧିକ୍ରିୟାକୁ ଜୋର ଜବରଦସ୍ତ କରିବା ପାଇଁ ପ୍ରୟାସ କରୁଛନ୍ତି। ଯାହାକି ଆଦିବାସୀଙ୍କ ପାଇଁ ଭାରତ ସମ୍ବିଧାନର ଭାଗ-୩, ମୌଳିକ ଅଧିକାର ସାଧାରଣ ଅନୁଚ୍ଛେଦ ୧୩, (୩) 'କ'କୁ କ୍ଷୁଣ୍ଣ କରୁଛି। ଏଥିସହିତ ଅନୁଚ୍ଛେଦ ୧୯ ପାରା (୫) ପାରା (୬)କୁ ଉଲ୍ଲଂଘନ ସହ ସୁପ୍ରିମକୋର୍ଟ ଆଦେଶକୁ ମଧ୍ୟ ଅବମାନନା କରୁଛନ୍ତି ବୋଲି ଅଭିଯୋଗ ହୋଇଛି। ତେଣୁ ସାଲଖାନ ମୁର୍ମୁ, ନାରାଣ ମୁର୍ମୁଙ୍କ ନାମରେ ମକଦ୍ଦମା ରୁଜୁ କରିବାକୁ ଦାବି କରିଛନ୍ତି। ଏହାର ଏକକିତା ନକଲ ଏସପି, ଏସଡିପିଓ, ତହସିଲଦାର, ବିଡ଼ିଓ, ଥାନା ଅଧିକାରୀ ଆଦିଙ୍କୁ ପ୍ରଦାନ କରାଯାଇଛି। ଦାବିପତ୍ର ପ୍ରଦାନ ସମୟରେ ମାଝୀ ବାବା ବୁଢ଼ାନ ମାଝୀ, ସୂର୍ଯ୍ୟ ହେମ୍ବ୍ରମ, ବୁଦ୍ଧିରାମ ମାଝୀ ଓ ଅନ୍ୟାନ୍ୟ ପ୍ରମୁଖ ଉପସ୍ଥିତ ଥିଲେ।

# ଜିଲ୍ଲାରେ ପକ୍ଷୀ ଗଣନା; ବିଦେଶୀ ପକ୍ଷୀଙ୍କ ଗତିବିଧି ଓ ସଂଖ୍ୟା ହେଲା ରେକର୍ଡ

### ଗଣନାରେ ସାମିଲ ହେଲେ ସାମ୍ବାଦିକ ଓ ଏନ୍‌ଜିଓ ସଦସ୍ୟ



ବାରିପଦା, ୧୮ ।୧(ସମିସ)

ମୟୂରଭଞ୍ଜ ଜିଲ୍ଲାର ୩୨ଟି ବନାଞ୍ଚଳରେ ଶନିବାର ପକ୍ଷୀ ଗଣନା ହୋଇଛି। ଶିମିଳିପାଳ ସମେତ ବାରିପଦା, ରାଇରଙ୍ଗପୁର, ଉଦଳା, କରଞ୍ଜିଆ ବନଖଣ୍ଡ ଅଧୀନରେ ବିଭିନ୍ନ ଜଳଭଣ୍ଡାର ଓ ଆଦ୍ରସ୍ଥାନକୁ ମିଶାଇ ପ୍ରାୟ ୧୦୦ରୁ ଊର୍ଦ୍ଧ୍ୱ ସ୍ଥାନରେ ପକ୍ଷୀ ଗଣନା କରାଯାଇଛି। ଏଥର ଦୁଇ ସପ୍ତାହ ପରେ ଗଣନା ପାଇଁ ଜଳଭଣ୍ଡାରଗୁଡିକରେ ପର୍ଯ୍ୟାପ୍ତ ପକ୍ଷୀ ଦୃଷ୍ଟି ଗୋଚର ହୋଇନାହାନ୍ତି। ପ୍ରତିବର୍ଷ ଭଳି ଚଳିତ ବର୍ଷ ମଧ୍ୟ ବାରିପଦା ବନଖଣ୍ଡ ଅନ୍ତର୍ଗତ ୭ଟି ରେଞ୍ଜର ୪୪ଟି ସ୍ଥାନରେ ପକ୍ଷୀ ଗଣନା କରାଯାଇଛି। ବାରିପଦା ବନଖଣ୍ଡ ଅଧିକାରୀ ଏ ଉମା ମହେଶଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ୧୫୦ରୁ ଊର୍ଦ୍ଧ୍ୱ ବନ କର୍ମଚାରୀ ବେତନଟୀ, ଉଦଳା, ଦେଉଳି, ବାଙ୍ଗିରିପୋଷି ଆଦି ଅଞ୍ଚଳରେ ଗଣନା କରିଛନ୍ତି। ଏନେଇ ବନବିଭାଗ ପକ୍ଷରୁ କର୍ମଚାରୀଙ୍କୁ ପୂର୍ବରୁ ସ୍ୱତନ୍ତ୍ର ତାଲିମ ଦିଆଯାଇଥିଲା। ବାରିପଦା ବନଖଣ୍ଡ ପକ୍ଷରୁ ଗଣତି ପାଇଁ ୪୪ଟି ଟିମ ନିୟୋଜିତ ହୋଇଥିଲେ। ପ୍ରତି ଟିମରେ ୫ଜଣ ସଦସ୍ୟ ଥିବା ବେଳେ ସେଥି ମଧ୍ୟରେ ୩ଜଣ ବନ କର୍ମଚାରୀ ଓ ୨ଜଣ ଏନଜିଓ ସଦସ୍ୟ ଏବଂ ସାମ୍ବାଦିକ ଉପସ୍ଥିତ ଥିଲେ। ରେଞ୍ଜର, ଫରେଷ୍ଟର ଓ ପକ୍ଷୀ ଗବେଷକଙ୍କ ସମେତ କେତେକ ସ୍ଥାନରେ ବିଶ୍ୱବିଦ୍ୟାଳୟ ଛାତ୍ରଛାତ୍ରୀ ଗଣନା ପ୍ରକ୍ରିୟାରେ ମଧ୍ୟ ସାମିଲ ହୋଇଛନ୍ତି। ବାଇନ କୁଲାର ଓ ଜିପିଏସ କ୍ୟାମେରା ସାହାଯ୍ୟରେ ବନବିଭାଗର କର୍ମଚାରୀମାନେ ପକ୍ଷୀ ଗଣନା କରିଛନ୍ତି। ସକାଳ ୬ରୁ ପୂର୍ବାହ୍ଣ ୧୧ ପର୍ଯ୍ୟନ୍ତ ଗଣନା କରାଯାଉଥିବାବେଳେ ଏହାର ରିପୋର୍ଟ ଆକଳନ କରି ରାଜ୍ୟସ୍ତରୀୟ ରିପୋର୍ଟ ପାଇଁ ହସ୍ତାନ୍ତର କରାଯିବ। ତେବେ କୁହୁଡି ପାଇଁ ସକାଳୁ ପକ୍ଷୀ ଗଣନାରେ କିଛି ସମସ୍ୟା ଉପୁଜିଥିଲା। ଶୀତ ଋତୁରେ ବିଦେଶୀ ପକ୍ଷୀଙ୍କ ଆଗମନ ହୋଇଥିବା ବେଳେ ପକ୍ଷୀମାନଙ୍କ ଗତିବିଧିକୁ ଲକ୍ଷ୍ୟ କରାଯାଇ ଡ଼ାଇରେକ୍ଟ ସାଇଟିଂ ପଦ୍ଧତିରେ ଗଣନା କରାଯାଇଛି। ଶୀତ ଋତୁରେ ସାଇବେରିଆନ ଅଞ୍ଚଳରେ ପ୍ରବଳ ବରଫ ପାତ ହେଉଥିବା ଯୋଗୁଁ ହଜାର ହଜାର କିମି ଅତିକ୍ରମ କରି ଖାଦ୍ୟ ଅନ୍ୱେଷଣରେ ଏହିସବୁ ପକ୍ଷୀ ଓଡ଼ିଶାର ବିଭିନ୍ନ ଅଞ୍ଚଳକୁ ଆସିଥାନ୍ତି। ବିଦେଶରୁ ଆସିଥିବା ପକ୍ଷୀଗୁଡିକ ଜିଲ୍ଲାର ଜମ୍ବୀରା, ହଳଦିଆ, ବଡଯୋଡ, ବଡ଼ଯୋଡ, ରାଜାବନ୍ଧ, କାଳ, ସୋନ, ନେସା, ବାଙ୍କବଲ, ଖଡଖାଇ, ଦେଓ ପରି ବୃହତ ଜଳାଶୟରେ ବିଚରଣ କରିଥାନ୍ତି। ପକ୍ଷୀମାନଙ୍କ ପ୍ରଜାତି ତାଙ୍କର ଗତିବିଧିକୁ ରେକର୍ଡ କରିବା ସହ ଏମାନଙ୍କର ସଂଖ୍ୟାର ଆକଳନ କରାଯାଇଥାଏ। ଜିଲ୍ଲାରେ ଥିବା ଜଳଉତ୍ସଗୁଡିକରେ ଘରୋଇ ପକ୍ଷୀଙ୍କ ସହ ଗଡ୍‌ୱାଲ, ଲିଟିଲ କାର୍ବୋରେଣ୍ଟ, ଲଫାଙ୍ଗ, ହୁଇସିଲ ବାର୍ଡ ଭଳି ବିଭିନ୍ନ ପ୍ରଜାତିର ପକ୍ଷୀ ଦେଖିବାକୁ ମିଳିଥାନ୍ତି। ସୂଚନା ଥାଉ କି, ଗତବର୍ଷ ରିପୋର୍ଟ ଅନୁଯାୟୀ, ମୟୂରଭଞ୍ଜ ଜିଲ୍ଲାର ୩୨ଟି ବନାଞ୍ଚଳରେ ସମୁଦାୟ ୨୬, ୨୪୨ ପକ୍ଷୀ ଆସିଥିଲେ। ବାରିପଦା ବନଖଣ୍ଡର ୭ଟି ରେଞ୍ଜରେ ୧୩, ୩୪୨, ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପର ଦକ୍ଷିଣ ଡିଭିଜନ ୯ଟି ରେଞ୍ଜରେ ୪୦୭ଟି ଓ ଉତ୍ତର ଡିଭିଜନର ୮ଟି ରେଞ୍ଜର ୨୪୭ଟି, ରାଇରଙ୍ଗପୁର ବନଖଣ୍ଡର ୪ଟି ରେଞ୍ଜକୁ ୭, ୨୭୩ଟି, କରଞ୍ଜିଆ ବନଖଣ୍ଡ ୪ଟି ରେଞ୍ଜକୁ ୪, ୯୭୩ଟି ପକ୍ଷୀ ଆସିଥିବା ନେଇ ବନ ବିଭାଗ ପକ୍ଷରୁ ରିପୋର୍ଟ ପ୍ରଦାନ କରାଯାଇଥିଲା। ରିପୋର୍ଟ ଲେଖା ଯିବା ପର୍ଯ୍ୟନ୍ତ ଆଜିର ସମ୍ପୂର୍ଣ୍ଣ ତଥ୍ୟ ମିଳିନାହିଁ।

### ୪ଟି ଜଳାଶୟରେ ୧୯୫୧ଟି ପକ୍ଷୀ ଚିହ୍ନଟ

**କୁଳିଅଣା:** ବାରିପଦା ବନଖଣ୍ଡ ଅଧିକାରୀ ଏ. ଉମା ମହେଶଙ୍କ ନିର୍ଦ୍ଦେଶକ୍ରମେ କୁଳିଅଣାର ୪ଟି ଜଳାଶୟରେ ପକ୍ଷୀଗଣନା କରାଯାଇଛି। ଦେଉଳି ବନାଞ୍ଚଳ ଅଧିକାରୀ ବୁଦ୍ଧେଶ୍ୱର ନାଏକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସକାଳ ୬ଟାରୁ ଦିନ ୧୧ଟା ପର୍ଯ୍ୟନ୍ତ ହଳଦିଆ, ଜମ୍ବିରା, ପଚାଖାଲି ଓ ମୁନିସିବନ୍ଧ ଆଦିରେ ପକ୍ଷୀଗଣନା କରାଯାଇଥିଲା। ହଳଦିଆ ବନ୍ଧରେ ୩୭୭, ଜମ୍ବୀରା ବନ୍ଧରେ ୧୩୬୧, ପଚାଖାଲି ୬୭, ମୁନିସବନ୍ଧରେ ୧୪୬ଟି ପକ୍ଷୀ ଚିହ୍ନଟ କରାଯାଇଛି। ଗଣନାରେ ବନପାଳ ସୁମିତା କଲିଆ, ସୀତାଳି ବାରିକ, ପଦ୍ମାବତୀ ବେହେରା, ବନରକ୍ଷୀ ପୂଜା ସାହା, ମଧୁସ୍ମିତା ପ୍ରଧାନ, ବିଜୟ ସେଠୀ, ଲାଙ୍ଗ ମାଝୀ, ପୁନ ମାର୍ଣ୍ଡି ପ୍ରମୁଖ ସାମିଲ ଥିଲେ।



### କପ୍ତିପଦା ବନାଞ୍ଚଳରୁ ୧୩୮୫ ପକ୍ଷୀ ଚିହ୍ନଟ



**କପ୍ତିପଦା:** କପ୍ତିପଦା ବନବିଭାଗ ପକ୍ଷରୁ କାଳବନ୍ଧ, ସୋନବନ୍ଧ ଓ ରାଣୀବନ୍ଧରେ ପକ୍ଷୀ ଗଣନା ସମାପ୍ତ ହୋଇଛି। ବିଭିନ୍ନ ସ୍ଥାନରେ ୧୩୮୫ଟି ପକ୍ଷୀଗଣନା କରାଯାଇଛି। ସେଥିରୁ କାଳବନ୍ଧରେ ୬୫୮, ସୋନେଇ ବନ୍ଧରେ ୫୮୦ ଓ ରାଣୀବନ୍ଧରେ ୧୪୭ ସମେତ ମୋଟ ୧୩୮୫ଟି ପକ୍ଷୀ ଚିହ୍ନଟ କରାଯାଇଛି। ଏହିସବୁ ପକ୍ଷୀ ପାଣିଡୁବୁକି, ପାଣିକୂଆ, ଗେଣ୍ଡାଳିଆ, କାଣ୍ଟିବଗ, ଗୋଠ ବୁଲି, ଛୋଟବଗ, ଲାଞ୍ଜିଗେଣ୍ଡି, ହଁସରାଳି, ଧୁଷୁରାଗେଣ୍ଡି, ଜଟିଆପେଣ୍ଡି, ଡାହୁକ, ଦଳଖୁମ୍ପି, ଚାହା ଚଢ଼େଇ, ମାଛରଙ୍କା ଓ ଗଙ୍ଗେଇ ପ୍ରଜାତିର ପକ୍ଷୀ ଥିବା ବନାଧିକାରୀ ଅଚ୍ୟୁତାନନ୍ଦ ଦାସ ପ୍ରକାଶ କରିଛନ୍ତି। ଫରେଷ୍ଟର ଲକ୍ଷ୍ମୀ କାନ୍ତ ବେହେରା, ଫରେଷ୍ଟର ହିମାଂଶୁ ମହାନ୍ତ ଓ ଫରେଷ୍ଟର ଗାର୍ଡ ବିଦ୍ୟୁତ ପ୍ରଭା ସିଂ ପକ୍ଷୀ ଗଣନାରେ ସାମିଲ ହୋଇଥିଲେ।

### ୧୫ ପ୍ରଜାତିର ପକ୍ଷୀ ଚିହ୍ନଟ



**ମୋରଡା/ବେତନଟୀ:** ଶନିବାର ରାସଗୋବିନ୍ଦପୁର ଏବଂ ବେତନଟୀ ରେଞ୍ଜରେ ଥିବା ବିଭିନ୍ନ ଜଳାଶୟଗୁଡିକରେ ପକ୍ଷୀ ଗଣନା କରାଯାଇଛି। ରାସଗୋବିନ୍ଦପୁର ରେଞ୍ଜ ଅଧୀନ ମୋରଡା ବ୍ଲକର ରାଜାବନ୍ଧ, ଘାଗରା ବନ୍ଧ, ଘୋଡାବନ୍ଧା ବନ୍ଧ ଏବଂ ରାସଗୋବିନ୍ଦପୁର ବ୍ଲକର ଗାଁ ଅମର୍ଦା ପୋଖରୀ, ରାସଗୋବିନ୍ଦପୁର ବନ୍ଧରେ ପକ୍ଷୀଗଣନା କରାଯାଇଛି। ୧୫ ପ୍ରକାର ଦେଶୀ ଓ ବିଦେଶୀ ପକ୍ଷୀଙ୍କୁ ଦେଖିବାକୁ ମିଳିଛି। ୨୦୫୫ଟି ଲେସର ହୁଇସଲିଙ୍ଗ ଡକ, ୨୬ଟି ମାଛ ରଙ୍କା, ୪୭ଟି ଲିଟିଲ ଗ୍ରୀବ, ୫୯ଟି ଧଳା ବଗ, ୩୩ଟି ପାଣି ବଗ, ୬ଟି ଗାର୍ଡ ୱାଲ, ୪ଟି କମନ ଟିଲ, ୩ଟି କମନ କୁଟ, ୩୫ଟି କଜଳ ପାତି, ୪୦ଟି ପାଣି କୁଆ, ୩୩ଟି ଦଳ ଖୁମ୍ପି ଡାହୁକ, ୩ଟି ପର୍ପଲ ସ୍ୱାମ୍ପ ହେନ, ୮ଟି କପ୍ତି ଏବଂ ୫୨ଟି କଟନ ପିଗମି ଗୁଜୁ ଥିବାର ସୂଚନା ଦେଇଛନ୍ତି ରେଞ୍ଜର ଘନଶ୍ୟାମ ସିଂ। ପକ୍ଷୀ ଗଣନାରେ ସିଂଙ୍କ ସମେତ ଅଶୋକ କୁମାର ନାଏକ, ରୁବିତା ଭୂୟାଁ, ନମିତା ସେଠୀ, ଛତିଶଚନ୍ଦ୍ର ମହାନ୍ତ ପ୍ରମୁଖ ସାମିଲ ହୋଇଥିଲେ। ସେହିପରି ବେତନଟୀ ରେଞ୍ଜ ଅଧୀନ ବଡଯୋଡ, ଦାନ୍ତିଆମୁହାଁ, ସାରିଆବନ୍ଧ, ପାଉଁଶିଆ, ହାଣ୍ଡିଭଙ୍ଗା, ବଡଗୁମା - ବାଉଁଶନାଳ, ତୋଟାପଡ଼ା ଆଶ୍ରମସ୍କୁଲ ଜଳାଶୟ, ସରଡ଼ିହା -ପଦ୍ମପୋଖରୀ, ପଞ୍ଚପୁଟଳି, ଆମ୍ବଯୋଡ଼ା ଶୁଖିଲାହାର, ଛାଡକଟା, ଦାରିହାକୁଣ୍ଡି ଆଦି ୧୩ଟି ସ୍ଥାନରେ ଏକକାଳୀନ ୧୩ଟିମ ଗଠନକରି ପକ୍ଷୀ ଗଣନା କରାଯାଇଥିଲା।

## ପତ୍ନୀଙ୍କୁ ନିର୍ଯାତନା ଅଭିଯୋଗରେ ସ୍ୱାମୀ ଗିରଫ



**ରାମଚନ୍ଦ୍ରପୁର, ୧୮ ।୧(ସମିସ):** ପତ୍ନୀକୁ ମାଡ ମାରିବା ଅଭିଯୋଗରେ ସ୍ୱାମୀ ଗିରଫ। ଏଭଳି ଘଟଣା ଘଟିଛି କେନ୍ଦୁଝର ଜିଲ୍ଲା ରାମଚନ୍ଦ୍ରପୁର ଥାନା ତରୁଆଁ ପଞ୍ଚାୟତ ଅନ୍ତର୍ଗତ ଉଜୁଣି ଗ୍ରାମରେ। ଗାଁର କୈଳାସ ଭଞ୍ଜଙ୍କ ପୁଅ ଗୌତମ ଭଞ୍ଜ(୪୬) ଗତ ୨୦ ବର୍ଷ ତଳେ ଢେଙ୍କାନାଳ ଜିଲ୍ଲା ଭୁବନ ଅଞ୍ଚଳର ସଂଯୁକ୍ତା ଭଞ୍ଜ (୩୬)କୁ ବୈଦିକ ରୀତି ନୀତି ଅନୁସାରେ ବିବାହ କରିଥିଲେ। ବିବାହର କିଛି ବର୍ଷ ପରେ ପତି ପତ୍ନୀଙ୍କ ମଧ୍ୟରେ ଝଗଡ଼ା ଲାଗି ରହୁଥିଲା। ଏଥିନେଇ ସାଇ ଭାଇ, ଗାଁ ତଥା ପଞ୍ଚାୟତରେ ଅନେକ ଥର ପତିପତ୍ନୀଙ୍କ କଳି ଆପୋଷ ସମାଧାନ ହୋଇଥିଲା। ଦୁଇ ଦିନ ତଳେ ପୁନର୍ବାର ପତ୍ନୀ ସଂଯୁକ୍ତାକୁ ଗୌତମ ମାଡ ମାରିବାରୁ ସେ ରାମଚନ୍ଦ୍ରପୁର ଥାନାରେ ନିଜ ସ୍ୱାମୀଙ୍କ ନାଁରେ ଏକ ଏତଲା ଦାଏର୍ କରିଥିଲେ। ରାମଚନ୍ଦ୍ରପୁର ପୁଲିସ ସଂଯୁକ୍ତାଙ୍କ ଏତଲାକୁ ଆଧାର କରି ୧୮/୨୫ରେ ଏକ ମାମଲା ରୁଜୁ କରି ଉଜୁଣି ଗାଁରେ ଚଢ଼ଉ କରି ନିଜ ପତ୍ନୀଙ୍କୁ ମାଡ ତଥା ନିର୍ଯାତନା ଦେବା ଅଭିଯୋଗରେ ସ୍ୱାମୀ ଗୌତମ ଭଞ୍ଜଙ୍କୁ ଗିରଫ କରି ଆଣି ଥାନାରେ ଅଧିକ ପଚାରା ଉଚାରା କରିବା ପରେ ଆଜି ଅପରାହ୍ନରେ କୋର୍ଟଚାଲାଣ କରିଥିବା ଜଣାପଡ଼ିଛି।

## ସାମାଜିକ ଗଣମାଧ୍ୟମ ଜରିଆରେ ଠକେଇ

**ବାରିପଦା, ୧୮ ।୧(ସମିସ):** ସାମାଜିକ ଗଣମାଧ୍ୟମ ଜରିଆରେ ବନ୍ଧୁତ୍ୱ ସ୍ଥାପନ କରି ଏକ ଲକ୍ଷ ଟଙ୍କା ଠକି ନେଇଥିବା ମଧୁବନ ଅଞ୍ଚଳର ସିଲା ଗାଇଁ ବାରିପଦା ଟାଉନ ଥାନାରେ ଅଭିଯୋଗ କରିଛନ୍ତି। ଇନଷ୍ଟାଗ୍ରାମ ଜରିଆରେ ପୁରୀ ଅଞ୍ଚଳର ତ୍ରୋଲକ୍ୟ ପାତ୍ରଙ୍କ ସହିତ ତାଙ୍କ ବନ୍ଧୁତା ହୋଇଥିଲା। ପରେ ତାହା ପ୍ରେମ ସମ୍ପର୍କରେ ପରିଣତ ହୋଇ ବିବାହ ନିମନ୍ତେ ସ୍ଥିର ହୋଇଥିଲା। ତେବେ ତ୍ରୋଲକ୍ୟ ବିଭିନ୍ନ ଆଳ ଦେଖାଇ ତାଙ୍କଠାରୁ ଟଙ୍କା ନେଇଥିଲେ। ତାଙ୍କ ବାପାଙ୍କୁ କ୍ୟାନ୍ସର ହୋଇଛି ଚିକିତ୍ସା କରିବା ନିମନ୍ତେ କହି ୧ଲକ୍ଷ ଟଙ୍କା ମଧ୍ୟ ନେଇଥିଲେ। ଏହାପରେ କୋଣସି ସମ୍ପର୍କ ରଖୁନଥିଲେ। ବିବାହ ନିମନ୍ତେ ଧରାଛୁଆଁ ଦେଇନଥିବା ବେଳେ ଗାଳିଗୁଲଜ କରିଥିଲେ। ଯାହାକୁ ନେଇ ଥାନାର ଦ୍ୱାରସ୍ଥ ହୋଇଛନ୍ତି। ଏନେଇ ଥାନରେ ମାମଲା ରୁଜୁ କରି ପୁଲିସ ତଦନ୍ତ ଆରମ୍ଭ କରିଛି।

## ଅଟୋ ଓଲଟି ୪ ଆହତ

**ମହୁଲଡିହା, ୧୮।୧(ସମିସ):** ଠାକୁରମୁଣ୍ଡା ଥାନା ବାଉଁଶଡିହା ଗ୍ରାମ ନିକଟରେ କୁକୁରକୁ ଧକ୍କା ଦେବାରୁ ଏକ ଅଟୋ ଓଲଟି ପଡ଼ିବାରୁ ୪ ଜଣ ଆହତ ହୋଇଛନ୍ତି। ଘଟଣାରୁ ପ୍ରକାଶ ଯେ, ଆନନ୍ଦପୁର ଥାନା ମନୋହରପୁର ଗ୍ରାମ ପଞ୍ଚାୟତ ଚାରପାଣି ଗ୍ରାମରୁ ସଦନ ବାନ୍ଦିଆ(୬୧), ଜାମ୍ବି ବାନ୍ଦିଆ( ୫୬), ପାଙ୍ଗିଲା ହନହାଗା (୪୦) ଓ ପୂର୍ଣ୍ଣ ହନହାଗା (୯) ଏକ ଅଟୋରେ ଘୋଡାବିନ୍ଧା ଗ୍ରାମକୁ ଯାଉଥିବା ବେଳେ ଦୁଇଟି କୁକୁର ହଠାତ୍ ଆଗକୁ ଚାଲିଆସିଥିଲେ। ଫଳରେ ଅଟୋଟି ଓଲଟି ପଡ଼ିଥିଲା। ସ୍ଥାନୀୟ ଲୋକେ ଆହତଙ୍କୁ ଉଦ୍ଧାର କରି ଠାକୁରମୁଣ୍ଡା ଗୋଷ୍ଠୀ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ।

## ଜମିଜମା ବିବାଦକୁ ନେଇ ଗଣ୍ଡଗୋଳ

**ବଡ଼ସାହି, ୧୮ ।୧(ସମିସ):** ବଡ଼ସାହି ଥାନା ଅଧୀନ ଗନ୍ଧାଳୀ ଗ୍ରାମରେ ୨ ପରିବାର ମଧ୍ୟରେ ସୀମା ବିବାଦକୁ ନେଇ ଗଣ୍ଡଗୋଳ ଘଟି ଏକ ମାମଲା ରୁଜୁ ହୋଇ ତଦନ୍ତ ଜାରି ରହିଛି। ଗ୍ରାମର କପିଳାଶ ମହାନ୍ତିଙ୍କ ସହିତ ସେହି ଗ୍ରାମର ରମେଶ ଚନ୍ଦ୍ର ମହାନ୍ତିଙ୍କ ଦୁଇ ପୁଅ ଶିବପ୍ରସାଦ ଓ ଦେବପ୍ରସାଦଙ୍କ ଗଣ୍ଡଗୋଳର ସୂତ୍ରପାତ ହୋଇଥିଲା। ରମେଶ ଓ ତାଙ୍କ ଦୁଇ ପୁଅ କପିଳାସଙ୍କୁ ଗାଳିଗୁଲଜ କରିବା ସହିତ ମାଡ ମାରିବା ସହିତ ଜୀବନରୁ ମାରି ଦେବାର ଧମକ ଦେଇଥିବାର ଅଭିଯୋଗରୁ ଜଣାଯାଇଛି। ଏ ସଂକ୍ରାନ୍ତରେ କପିଳାସଙ୍କ ଅଭିଯୋଗକୁ ଭିତ୍ତି କରି ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି।

## କାର୍ ଦୁର୍ଘଟଣାରେ ଦୁଇ ଅପେରା କର୍ମକର୍ତ୍ତା ଗୁରୁତର

**ଠାକୁରମୁଣ୍ଡା/ମହୁଲଡିହା, ୧୮।୧(ସମିସ):** ଯଶିପୁର ନିକଟ ମଣଦାଠାରେ ଯାତ୍ରା ପରିବେଷଣ କରୁଥିବା କେନ୍ଦ୍ରାପଡ଼ା ଅଞ୍ଚଳର ରଙ୍ଗତରଙ୍ଗ ଅପେରା ପାର୍ଟିର ଦୁଇଜଣ କର୍ମକର୍ତ୍ତା କାର ଦୁର୍ଘଟଣାରେ ଗୁରୁତର ହୋଇଛନ୍ତି। ଶନିବାର ଆସିଷ୍ଟାଣ୍ଟ ମ୍ୟାନେଜର ଓ ଅନ୍ୟ ଜଣେ କର୍ମଚାରୀ ଏକ କାର ଯୋଗେ ମଣଦାରୁ କେନ୍ଦ୍ରାପଡ଼ାକୁ ଯାଉଥିବା ବେଳେ ସନ୍ଧ୍ୟାରେ ଠାକୁରମୁଣ୍ଡା-କରଞ୍ଜିଆ ରାସ୍ତାର ଜୁଆଳିକଟା ନିକଟରେ କାର ଭାରସାମ୍ୟ ହରାଇ ରାସ୍ତା ତଳକୁ ଓଲଟି ପଡ଼ିଥିଲା। ପରେ ପୁଲିସ ଆହତଙ୍କୁ ଉଦ୍ଧାର କରି ଠାକୁରମୁଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରିଛନ୍ତି। ଅପେରା ପାର୍ଟିର ଆସିଷ୍ଟାଣ୍ଟ ମ୍ୟାନେଜର ଗୋପୀନାଥ ସାହୁଙ୍କ ଡାହାଣ ଗୋଡ଼ ଭାଙ୍ଗି ଯାଇଥିବା ବେଳେ ମୁଣ୍ଡରେ ଗଭୀର ଆଘାତ ଲାଗିଛି। ତାଙ୍କ ଘର ପଟାମୁଣ୍ଡାଇ ଥାନା ବାଲିଆ ଗ୍ରାମରେ। ସେହପାରି ଅନ୍ୟଜଣେ କର୍ମଚାରୀ ପ୍ରଦୀପ ନାଏକଙ୍କ ମଧ୍ୟ ବାମ ଗୋଡ଼ ଭାଙ୍ଗି ଯାଇଛି। ତାଙ୍କ ଘର ପାଟକୁରା ଥାନା ପେଣ୍ଟ ବୋଲି ଜଣାପଡ଼ିଛି। ଉଭୟଙ୍କୁ ଆନନ୍ଦପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ସ୍ଥାନାନ୍ତର କରାଯାଇଛି।

## ଲକ୍ଷାଧିକ ଟଙ୍କା ଓ ଲ୍ୟାପଟପ ଚୋରି

**ବାରିପଦା, ୧୮ ।୧(ସମିସ):** ଲାଲବଜାର ସ୍ଥିତ ସମୀରକୁମାର ପାଲଙ୍କ ଅଫିସରୁ ଦୁର୍ବୃତ୍ତମାନେ ଟଙ୍କା ଓ ଲ୍ୟାପଟପ ଚୋରି କରିଥିବା ନେଇ ସେ ବାରିପଦା ଟାଉନ ଥାନାରେ ଅଭିଯୋଗ କରିଛନ୍ତି। ତାଙ୍କର ଲାଲବଜାର ସ୍ଥିତ ଅଫିସରେ ଦୁଇଜଣ ଦୁର୍ବୃତ୍ତ ପଶି ୧। ୬୫ ହଜାର ଟଙ୍କା ଓ ଦୁଇଟି ଲ୍ୟାପଟପ ଚୋରି କରିଛନ୍ତି। ଏହାର ଦୃଶ୍ୟ ଅଫିସରେ ଲାଗିଥିବା ସିସିଟିଭି କ୍ୟାମେରାରେ ରେକର୍ଡ ମଧ୍ୟ ହୋଇଛି। ଅଭିଯୋଗକ୍ରମେ ପୁଲିସ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି।

# କଟ୍‌ନୀଛଟ୍‌ନୀ ନେଇ ମଣ୍ଡିରେ ଉତ୍ତେଜନା

**ବାଲେଶ୍ୱର, ୧୮ ।୧(ସମିସ)**



ବାଲେଶ୍ୱର ଜିଲ୍ଲାର ଚାଷୀ ମାନଙ୍କ ଠାରୁ ଖରିଫ ଧାନ କିଣିବା ପାଇଁ ସରକାରଙ୍କ ପକ୍ଷରୁ ସମବାୟ ସଂସ୍ଥା ଓ ଏସଏଚଜି ଜରିଆରେ ଜିଲ୍ଲାର ୧୭୮ଟି ଧାନ କ୍ରୟ କେନ୍ଦ୍ର ଖୋଲାଯାଇଛି। ଏହି କେନ୍ଦ୍ର ଗୁଡିକରେ ଚାଷୀମାନଙ୍କଠାରୁ ଧାନ କିଣା ବେଳେ ୭ରୁ ୮ କିଗ୍ରା ଧାନ କଟ୍‌ନୀଛଟନୀ କରାଯାଉ ଥିବାର ଚାଷୀମାନେ ଅଭିଯୋଗ କରିଛନ୍ତି। ମାତ୍ର ଜିଲ୍ଲା ଯୋଗାଣ ଅଧିକାରୀ କହୁଛନ୍ତି, କୌଣସି ଧାନ କ୍ରୟ କେନ୍ଦ୍ରରେ ଧାନ କିଣାରେ କାଟଛାଟ କରାଯାଉ ନାହିଁ।

ଅପରପକ୍ଷରେ ବାଲେଶ୍ୱର ସଦର ବ୍ଲକ ପଟାପୋଲ ଛକଠାରେ ଖୋଲାଯାଇ ଥିବା ସରକାରୀ ଧାନ କ୍ରୟ କେନ୍ଦ୍ରରେ ଶନିବାର ଦିନ ଧାନ କିଣାରେ କାଣ୍ଟଛାଟକୁ ନେଇ ଚାଷୀ ମାନଙ୍କ ମଧ୍ୟରେ ଉତ୍ତେଜନା ପ୍ରକାଶ ପାଇଛି। ଉକ୍ତ କେନ୍ଦ୍ରରେ ଚାଷୀଙ୍କ ଧାନ ସରକାରୀ ଅଧିକାରୀଙ୍କ ଉପସ୍ଥିତିରେ କୁଇଣ୍ଟାଲ ପିଛା ୭ରୁ ୮ କିଗ୍ରା ଧାନ କାଟଛାଟ କରାଯାଇଛି। ଏ ନେଇ କିଛି ଚାଷୀ ପ୍ରତିବାଦ କରିବାରୁ କେନ୍ଦ୍ରରେ ଉତ୍ତେଜନା ପ୍ରକାଶ ପାଇଛି।

ସୂଚନା ଅନୁସାରେ, ରଣସାହି ସେବା ସମବାୟ ସମିତି ପକ୍ଷରୁ ଚାଷୀଙ୍କ ଠାରୁ ଧାନ କ୍ରୟ କରିବା ପାଇଁ ଚାନ୍ଦିପୁର ପଟାପୋଲ ଛକଠାରେ ଅସ୍ଥାୟୀ ଧାନ କ୍ରୟକେନ୍ଦ୍ର ଖୋଲା ଯାଇଛି। ଆଖପାଖ ଅଞ୍ଚଳର ବିଭିନ୍ନ ଗାଁରୁ ଟୋକନ ପାଇଥିବା ଚାଷୀ ଏଠାକୁ ଧାନ ନେଇ ଆସିଥିଲେ। ସମସ୍ତ ଚାଷୀଙ୍କ ଠାରୁ ସରକାରୀ ଅଫିସରଙ୍କ ଉପସ୍ଥିତିରେ କୁଇଣ୍ଟାଲ ପିଛା ୭ରୁ ୮କିଗ୍ରା ଧାନ କାଣ୍ଟଛାଟ କରାଯାଇ ଥିଲା। ପ୍ରତିବାଦ କଲେ ମିଲର ଧାନ ନ ନେବା ଭୟରେ କିଛି ଚାଷୀ ମୁହଁ ଖୋଲି ନଥିଲେ। ହେଲେ ସାହସ ଜୁଟାଇ ଅନ୍ୟ କିଛି ଚାଷୀ ଏହାର ପ୍ରତିବାଦ କରିଥିଲେ। ମିଲରଙ୍କ ସହ ଯୁକ୍ତିତର୍କ ହୋଇଥିଲା। ଯେଉଁ ଚାଷୀମାନେ ପ୍ରତିବାଦ କରିଥିଲେ ସେମାନଙ୍କର ଧାନକୁ ସମ୍ପୃକ୍ତ ମିଲର ଓ ସରକାରୀ ଅଧିକାରୀ ମେସିନରେ ଯାଞ୍ଚ କରିବାକୁ ଧମକ ଦେଇଥିଲେ। ଏ ନେଇ କେନ୍ଦ୍ରରେ ଉତ୍ତେଜନା ପ୍ରକାଶ ପାଇଥିଲା। ନିଜ ଖର୍ଚ୍ଚରେ ଘରୁ କେନ୍ଦ୍ରକୁ ଧାନ ବୋହି ଆଣିବା ଏବଂ ରାତିସାରା କେନ୍ଦ୍ରରେ ଧାନକୁ ଜଗିବା ପରେ ପୁଣି ଖର୍ଚ୍ଚ କରି ଧାନ ଘରକୁ ବୋହି ନେଇଯିବା ଭୟରେ ଚାଷୀ ମିଲରଙ୍କ ସହିତ ଅଧିକ ଯୁକ୍ତି ନ କରି ବାଧହେଇ ଧାନ ଦେଇଯାଇ ଥିଲେ। ତେବେ ହିଡିଗାଁ ଗ୍ରାମର ଚାଷୀ ପ୍ରଦୀପ କୁମାର ବେରା କେନ୍ଦ୍ରରେ ଉପସ୍ଥିତ ଥିବା ଅଧିକାରୀଙ୍କୁ ଏହି କାଟଛାଟ କାହିଁକି ହେଉଛି ବୋଲି ପଚାରି ବାରୁ ସେ କହିଲେ, କେବଳ ଏହି କେନ୍ଦ୍ରରେ ନୁହଁ, ଜିଲ୍ଲାର ସବୁ ସରକାରୀ କ୍ରୟ କେନ୍ଦ୍ରରେ ଧାନ କିଣାବେଳେ କାଟଛାଟ କରାଯାଉଛି। ଯିଏ ପ୍ରତିବାଦ କରୁଛି, ତା ଧାନ ମେସିନରେ ଯାଞ୍ଚ କରାଗଲେ ଆହୁରି କୁଇଣ୍ଟାଲ ପିଛା ଅଧିକ କେଜି ଧାନ କାଣ୍ଟଛାଟ କରାଯିବ ବୋଲି ଅଧିକାରୀଙ୍କ ତରଫରୁ ଶ୍ରୀ ବେରାଙ୍କୁ ଉତ୍ତର ଦିଆଯାଇ ଥିଲା। ସେହିଭଳି ବସ୍ତା ବ୍ଲକ ଦରଡା ପଞ୍ଚାୟତ କୁଣ୍ଡେଇ ଗ୍ରାମର ଚାଷୀ ରମାନାଥ ସିଂ କହିଛନ୍ତି, ସେ ଓ ତାଙ୍କ ଗ୍ରାମର ଚାଷୀମାନେ ମୁକୁଳିସି ସମବାୟ ସମିତି ଅଧୀନରେ ଖୋଲାଯାଇ ଥିବା ଧାନ କ୍ରୟ କେନ୍ଦ୍ରକୁ ଆଜି ଧାନ ନେଇଯାଇ ଥିଲେ। କେନ୍ଦ୍ରରେ ଧାନ କିଣା ବେଳେ ପ୍ରତ୍ୟେକ ଚାଷୀଙ୍କ ଧାନରୁ କୁଇଣ୍ଟାଲ ପିଛା ୭ରୁ ୧୦କିଗ୍ରା ଧାନ କାଣ୍ଟଛାଟ କରାଯାଇଛି। ଚାଷୀ ଶ୍ରୀ ସିଂ ୩ ଏକର ଜମି ପଞ୍ଜୀକରଣ କରିଥିଲେ। ତାଙ୍କୁ ୩୦କୁଇଣ୍ଟାଲ ଧାନ ଦେବା ପାଇଁ ଟୋକନ ମିଳିଥିଲା। ସେ ଆଜି ୩୦କୁଇଣ୍ଟାଲ ଧାନ ନେଇ କେନ୍ଦ୍ରକୁ ଯାଇଥିଲେ। ତାଙ୍କ ଧାନରୁ କୁଇଣ୍ଟାଲ ପ୍ରତି ୧୦କିଗ୍ରା ହିସାବରେ ୩ କୁଇଣ୍ଟାଲ ଧାନ କାଟି ଦେଇଥିଲେ ବୋଲି ଶ୍ରୀ ସିଂ ଅଭିଯୋଗ କରିଛନ୍ତି। ଏହିଭଳି ଜିଲ୍ଲାର ଖୋଲା ଯାଇଥିବା ଧାନକ୍ରୟ କେନ୍ଦ୍ର ଗୁଡିକରେ କୁଇଣ୍ଟାଲ ଧାନରେ ୭ ରୁ ୧୦ କିଗ୍ରା ଧାନ କାଟଛାଟ କରା ଯାଉ ଥିବାର ବିଭିନ୍ନ ବ୍ଲକର ଚାଷୀମାନେ ଅଭିଯୋଗ କରିଛନ୍ତି। ମାତ୍ର ଅଳ୍ପ କିଛି ଦିନ ତଳେ କାର୍ଯ୍ୟଭାର ଗ୍ରହଣ କରିଥିବା ଜିଲ୍ଲା ଯୋଗାଣ ଅଧିକାରୀ ସଲ୍ଲାଉଦ୍ଦିନ ଖାଁ କହିଛନ୍ତି, ଜିଲ୍ଲାର କୌଣସି କ୍ରୟ କେନ୍ଦ୍ରରେ ଚାଷୀଙ୍କ ଠାରୁ ଧାନ କିଣାରେ କାଣ୍ଟଛାଟ କରାଯାଉ ନାହିଁ।

## ବାଲିଡିହି-ରସୁନଚୋପା ରାସ୍ତା ନିର୍ମାଣ ଆରମ୍ଭ



**ରାଇରଙ୍ଗପୁର, ୧୮ ।୧(ସମିସ):** ଦୀର୍ଘ ଦିନହେଲା ବିପର୍ଯ୍ୟସ୍ତ ଅବସ୍ଥାରେ ରହିଥିବା ସୀମାନ୍ତ ବାଲିଡିହିଠାରୁ ରସୁନଚୋପା ୨୨୦ନଂ. ଜାତୀୟ ରାଜପଥ ନିର୍ମାଣ ଆରମ୍ଭ ହୋଇଛି। ରାଇରଙ୍ଗପୁର ଅଞ୍ଚଳ ସୀମାନ୍ତ ତିରିଂଠାରୁ ଝାଡ଼ଖଣ୍ଡର ଜାମସେଦପୁରକୁ ସଂଯୋଗ କରୁଥିବା ୨୨୦ନଂ. ଜାତୀୟ ରାଜପଥ ବ୍ୟାବସାୟିକ କ୍ଷେତ୍ର ପାଇଁ ଅତି ଗୁରୁତ୍ୱପୂର୍ଣ୍ଣ। ହେଲେ ରାଞ୍ଚିଠାରୁ ବିଜୟୱାଡ଼ା ଜାତୀୟ ରାଜପଥ ଦୀର୍ଘ ବର୍ଷ ହେଲା ଅବହେଳିତ ରହିବା ସହ ବିପର୍ଯ୍ୟସ୍ତ ହୋଇ ପଡ଼ିଥିଲା। ବାଲିଡ଼ିହିଠାରୁ ରସୁନଚୋପା ପର୍ଯ୍ୟନ୍ତ ୪ କିମି ମୁଖ୍ୟ ରାସ୍ତା ବିପର୍ଯ୍ୟସ୍ତ ହୋଇ ପଡ଼ିଥିଲା। ଫଳରେ ଯାନବାହନ ଚଳାଚଳ ବନ୍ଦ ରହିଥିଲା। ଏ ନେଇ ଦୁଇଟିଯାକ ରାଜ୍ୟ ଅଭିଯୋଗ କରିବା ପରେ ଜାତୀୟ ରାଜପଥ କର୍ତ୍ତୃପକ୍ଷ ବିଗତ ବର୍ଷ ସେପ୍ଟେମ୍ବର ମାସରେ ରାସ୍ତା ନିର୍ମାଣ ପାଇଁ ଟେଣ୍ଡର ପ୍ରକ୍ରିୟା ଶେଷ କରିଥିଲେ। ପ୍ରାୟ ଏକ ମାସ ପୂର୍ବରୁ ଜାତୀୟ ରାଜପଥ ରେ ଓଡ଼ିଶା ସୀମାନ୍ତ ଝାରଖଣ୍ଡ ଅଞ୍ଚଳ ବାଲିଡ଼ିହି ଠାରୁ ରସୁନଚୋପା ପର୍ଯ୍ୟନ୍ତ ମୋଟ ୩.୮ କିମି ରାସ୍ତା ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଛି। ଏହି ରାସ୍ତା ନିର୍ମାଣ ପାଇଁ ମୋଟ ୮ କୋଟି ୪୫ ଲକ୍ଷ ଟଙ୍କା ଖର୍ଚ୍ଚ ହେବ ବୋଲି ସୂଚନା ମିଳିଛି।

## ଠାକୁରମୁଣ୍ଡା ଟୁସୁ ମେଳା ଉଦ୍‌ଯାପିତ



**ଠାକୁରମୁଣ୍ଡା, ୧୮।୧(ସମିସ):** ଠାକୁରମୁଣ୍ଡା ବ୍ଲକର ବିଭିନ୍ନ ଗାଁର ଦେବାଦେବୀ ପୀଠରେ ମକର ମେଳା ଜାରି ରହିଛି। ଏହି ଅବସରରେ କୁଡୁମୀ ସମ୍ପ୍ରଦାୟର ଝିଅମାନେ ଏକ ନିଆରା ଢଙ୍ଗରେ 'ଟୁସୁ' ଦେବୀଙ୍କ ପୂଜା କରିଥାନ୍ତି। କୁଡୁମୀ ସମ୍ପ୍ରଦାୟର ଅବିବାହିତା ଝିଅ ଯାହାର ନାମ ଥିଲା ଟୁସୁ। ସେ ଦେଖିବାକୁ ଅତ୍ୟନ୍ତ ସୁନ୍ଦରୀ ଥିଲା। ସୁନ୍ଦର ହୋଇଥିବାରୁ ମୁସଲମାନ ରାଜା ଆଶକ୍ତ ହୋଇ ରାଜା ତାଙ୍କ ପାରିଷଦ ବର୍ଗଙ୍କୁ ସେ ସୁନ୍ଦରି କନ୍ୟାଙ୍କୁ ଆଣିବା ପାଇଁ ଆଦେଶ ଦେଇଥିଲେ। ତେବେ ସେହି କନ୍ୟାକୁ ଧରିଆଣିବା ପାଇଁ ଯାଇଥିବା ବେଳେ ସେହି ଟୁସୁ କନ୍ୟା ନିଜର ସତୀତ୍ୱ ରକ୍ଷା ପାଇଁ ଏହି ମକର ସଂକ୍ରାନ୍ତି ଦିନ ନଦୀରେ ଝାସ ଦେଇ ଜୀବନ ହାରିଥିଲେ। ତାଙ୍କର ଏହି ମହତ୍ତ୍ୱ କାର୍ଯ୍ୟ ପାଇଁ ଏହି ସମ୍ପ୍ରଦାୟର ଅବିବାହିତ କନ୍ୟା ମାନେ ଟୁସୁ ଦେବୀର ମୂର୍ତ୍ତି ନିର୍ମାଣ କରି ମେଳଣ ବା ମେଳା କରିଥାନ୍ତି। ଏହି ପୂଜା ପରେ ଏହାକୁ ନଦୀ କିମ୍ବା ପୁଷ୍କରିଣୀରେ ବିସର୍ଜନ କରିଥାଆନ୍ତି। ଗତକାଲି ସନ୍ଧ୍ୟାରେ ଠାକୁରମୁଣ୍ଡା ବ୍ଲକର ଜାମୁଖଞ୍ଜରୀ ଏବଂ ଅସନବଣୀଠାରେ ଚାଲିଥିବା ଟୁସୁ ମେଳା ଉଦଯାପିତ ହୋଇଯାଇଛି। ଏହି ଉପଲକ୍ଷେ ଟୁସୁ ମୂର୍ତ୍ତିକୁ ନେଇ ଏକ ପ୍ରତିଯୋଗିତା ହୋଇଥିଲା। ଏଥିରେ ମାଛଗଡ଼ର ଟୁସୁ ପ୍ରଥମ, ସ୍ଥାନ କୁଣ୍ଡଳା କୁଦରସାହି ଦିତୀୟ ଓ ଜଡିବିଲ ଗାଁର ଟୁସୁ ତୃତୀୟ ସ୍ଥାନ ଅଧିକାର କରିଛି। କମିଟି ସଭାପତି ଦେବେନ୍ଦ୍ର ମହାନ୍ତ, ସମ୍ପାଦକ ପୀତାମ୍ବର ମହାନ୍ତ, ସଞ୍ଜୟ ସାହୁ, ରାଧାଶ୍ୟାମ ଲୋହାର, ରଞ୍ଜନ ମହାନ୍ତ, କାର୍ତ୍ତିକ ମହାନ୍ତ ପ୍ରମୁଖ ପୁରସ୍କୃତ କରିଥିଲେ।

## ଦୁର୍ଘଟଣାରେ ଗୁରୁତର ଇଞ୍ଜିନିୟରଙ୍କ ପରଲୋକ



**ଭଦ୍ରକ, ୧୮ ।୧(ସମିସ):** ଭଦ୍ରକ ପୌରାଞ୍ଚଳର ହଳଦିଡ଼ିଆ ବାଇପାସ ଅଞ୍ଚଳବାସୀ ତଥା ଜଣାଶୁଣା କଂପ୍ୟୁଟର ହାର୍ଡୱେର ଇଞ୍ଜିନିୟର ଦୁଷ୍ମନ୍ତ ବେହେରାଙ୍କ ଆଜି ସକାଳେ କଟକ ବଡ଼ ଡାକ୍ତରଖାନାରେ ପରଲୋକ ଘଟିଛି। ମୃତ୍ୟୁବେଳକୁ ତାଙ୍କୁ ୫୦ବର୍ଷ ବୟସ ହୋଇଥିଲା। ସୂଚନାଯୋଗ୍ୟ, ଗତ ୩୦ତାରିଖରେ ଏକ ସଡ଼କ ଦୁର୍ଘଟଣାରେ ଗୁରୁତର ହୋଇ ସେ ପ୍ରଥମେ ଭୁବନେଶ୍ୱର ସ୍ଥିତ ଏକ ଘରୋଇ ହସ୍ପିଟାଲରେ କୋମାରେ ଚିକିତ୍ସାଧୀନ ଥିଲେ। ତାଙ୍କ ମସ୍ତିଷ୍କରେ ଅସ୍ତ୍ରୋପଚାର କରାଯାଇଥିଲା। ପରେ ତାଙ୍କୁ କଟକ ବଡ଼ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ପରିବାରର ସେ ଏକମାତ୍ର ରୋଜଗାରକ୍ଷମ ବ୍ୟକ୍ତି ଥିଲେ। ଭଦ୍ରକ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଠାରୁ ଆରମ୍ଭ କରି ବିଭିନ୍ନ ଶିକ୍ଷାନୁଷ୍ଠାନ, ବିଭିନ୍ନ ସରକାରୀ ଦପ୍ତର, ବେସରକାରୀ ଅନୁଷ୍ଠାନ ଓ ବ୍ୟକ୍ତି ବିଶେଷଙ୍କ କମ୍ପ୍ୟୁଟର ହାଡୱେର ମରାମତିରେ ସ୍ୱର୍ଗତ ବେହେରାଙ୍କ ଦକ୍ଷତା ଓ ଲୋକପ୍ରିୟତା ଥିଲା। ଜଣେ ଶାନ୍ତ, ମେଳାପୀ ବ୍ୟକ୍ତି ଭାବେ ମଧ୍ୟ ତାଙ୍କୁ ସମସ୍ତେ ଆଦର କରୁଥିଲେ। ମୃତ୍ୟୁଶଯ୍ୟା ନିକଟରେ ତାଙ୍କ ପତ୍ନୀ ତିଳୋତ୍ତମା ବେହେରା, ଝିଅ ହରପ୍ରିୟା ବେହେରା, ପୁତୁରା ଅର୍ଜୁନ, ଶାଳକ ଡା.ମନୋଜ ବେହେରା, ମାନସ ବେହେରାଙ୍କ ସମେତ ଅଧ୍ୟକ୍ଷ ଡ.ନିତ୍ୟାନନ୍ଦ ମିଶ୍ର, ପ୍ରଧାନ ଶିକ୍ଷକ ବିଜୟ ମିଶ୍ର, ଦାଶରଥୀ ପରିଡ଼ା, ରମେଶ ଜେନା, ଆଇନଜୀବୀ କିଶୋର ପଣ୍ଡା, ସନ୍ତୋଷ ନାୟକ, କୁନାଲ ବେଉରିଆ, ଅଭିମନ୍ୟୁ, ନିଧିରାମ, ଶଶୀକାନ୍ତ, ଉମାକଲ୍ୟାଣ, ସିଲୁ, କାଳିଆ, ରଫିକ, ନିରଞ୍ଜନ ଓ ବିଲୁ ପ୍ରମୁଖ ଉପସ୍ଥିତ ରହି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ତାଙ୍କ ଶେଷକୃତ ତାଙ୍କ ଘରବାଡିରେ କରାଯାଇଥିଲା।

## ଦୁର୍ଘଟଣାରେ ଆହତଙ୍କୁ ସହାୟତା ପାଇଁ ନିବେଦନ

**ବାରିପଦା, ୧୮ ।୧(ସମିସ):** ପାଲବଣି ଅଞ୍ଚଳର ସୌମ୍ୟକାନ୍ତ ମିଶ୍ର ଶୁକ୍ରବାର ଏକ ସଡ଼କ ଦୁର୍ଘଟଣା ସମ୍ମୁଖୀନ ହୋଇ ଗୁରୁତର ହୋଇଛନ୍ତି। ତାଙ୍କର ମୁଣ୍ଡରେ ଗଭୀର ମାଡ଼ ହୋଇଥିଲା। ଦୁର୍ଘଟଣାରେ ତାଙ୍କ ଡାହାଣ ପଟ ଆଖିଟି ସମ୍ପୂର୍ଣ୍ଣ ଭାବେ ନଷ୍ଟ ହୋଇ ଯାଇଛି। ପ୍ରଚୁର ରକ୍ତସ୍ରାବ ଯୋଗୁଁ ତାଙ୍କର ଅବସ୍ଥା ସଙ୍କଟାପନ୍ନ ରହିଛି। ବାରିପଦା ସ୍ଥିତ ପିଆରଏମ ହସ୍ପିଟାଲରେ ଚିକିତ୍ସା ପରେ ତାଙ୍କୁ କଟକ ସ୍ଥିତ ଏକ ଘରୋ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଛି। ଚିକିତ୍ସା ନିମନ୍ତେ ଅର୍ଥ ସହାୟତା ପାଇଁ ପରିବାର, ସାଙ୍ଗ ସାଥୀ ସହୃଦୟ ବ୍ୟକ୍ତି ସୋସିଆଲ ମିଡିରେ ଆକୁଳ ନିବେଦନ କରିଛନ୍ତି। ଦୁଇଦିନ ହେବ ବାରିପଦା ସହରର ପ୍ରମୁଖ ସୋସିଆଲ ମିଡିଆ ଗ୍ରୁପରେ ଏନେଇ ନିବେଦନ କରାଯାଉଛି। ୟୁପିଆଇ ଜରିଆରେ ୭୯୭୮୬୭୮୭୦୦ କିମ୍ବା ପଞ୍ଜାବ ନ୍ୟାସନାଲ ବ୍ୟାଙ୍କ ଆକାଉଣ୍ଟକୁ ୦୨୫୦୦୧୦୩୧୫୮୯୦, ଆଇଏଫଏସସି ନମ୍ବର ପିୟୁଏନବି ୦୦୨୫୦୨୦ରେ ସହାୟତା ପାଇ ନିବେଦନ କରିଛନ୍ତି।


**ଏନ ଟି ପି ସି ଲିମିଟେଡ**
(ଭାରତ ସରକାରଙ୍କ ଉଦ୍ୟମ)

**ନୋଟିସ୍**

**ପଞ୍ଜିକୃତ କାର୍ଯ୍ୟାଳୟ ଠିକଣା: ଏନଟିପିସି ଭବନ, କୋର-୭, ସ୍କୋପ କମ୍ପ୍ଲେକ୍ସ, ୭-ଇନଷ୍ଟିଚ୍ୟୁସନାଲ ଏରିଆ, ଲୋଧି ରୋଡ, ନୂଆ ଦିଲ୍ଲୀ - ୧୧୦୦୦୩**
**କରପୋରେଟ୍ ପରିଚୟ ନଂ- L40101DL1975GOI007966**

ଉପରୋକ୍ତ ନାମିତ ଆବେଦନକାରୀ ତା.୦୧.୦୪.୨୦୨୪ଠାରୁ ୩୧.୦୩.୨୦୨୯ ପର୍ଯ୍ୟନ୍ତ ମୁଜାଫରପୁର ଥର୍ମାଲ ପାୱାର ଷ୍ଟେସନ, ଷ୍ଟେଜ୍-୨ (୨X୧୯୫ ମେଗାୱାଟ)ର ଟାରିଫ ନିର୍ଦ୍ଧାରଣ ପାଇଁ କେନ୍ଦ୍ରୀୟ ବିଦ୍ୟୁତ ବିନିୟାମକ ଆୟୋଗ (ସିଇଆରସି), ନୂଆ ଦିଲ୍ଲୀଙ୍କ ସମ୍ମୁଖରେ ଆବେଦନ କରିଅଛନ୍ତି।

୧) ଉତ୍ପାଦକ ଷ୍ଟେସନର ଲାଭାର୍ଥୀ:
କ) ବିହାର ରାଜ୍ୟ ପାୱାର ହୋଲ୍ଡିଂ କମ୍ପାନୀ ଲିମିଟେଡ୍ (ବିଏସପିଏଚସିଏଲ), ବିଦ୍ୟୁତ ଭବନ, ବେଲି ରୋଡ୍, ପାଟନା- ୮୦୦୦୨୧
ଖ) ନର୍ଥ ବିହାର ପାୱାର ଡିଷ୍ଟ୍ରିବ୍ୟୁସନ କମ୍ପାନୀ ଲିମିଟେଡ, ପ୍ରଥମ ତଳ, ବିଦ୍ୟୁତ ଭବନ, ବେଲି ରୋଡ୍, ପାଟନା-୮୦୦୦୨୧
ଗ) ସାଉଥ ବିହାର ପାୱାର ଡିଷ୍ଟ୍ରିବ୍ୟୁସନ କମ୍ପାନୀ ଲିମିଟେଡ, ପ୍ରଥମ ତଳ, ବିଦ୍ୟୁତ ଭବନ, ବେଲି ରୋଡ୍, ପାଟନା-୮୦୦୦୨୧
ଘ) ଝାଡ଼ଖଣ୍ଡ ବିଜୁଳି ବିତରଣ ନିଗମ ଲିମିଟେଡ, ଇଞ୍ଜିନିୟରିଂ ବିଲ୍ଡିଂ, ଏଚଇସି ଟାଉନସିପ, ଧୁର୍ଵା, ରାଞ୍ଚି - ୮୩୪୦୦୪
ଙ) ଗ୍ରିଡକୋ ଲିମିଟେଡ, ଜନପଥ, ଭୁବନେଶ୍ୱର - ୭୫୧୦୨୨
ଚ) ପଶ୍ଚିମବଙ୍ଗ ରାଜ୍ୟ ବିଦ୍ୟୁତ ବିତରଣ କମ୍ପାନୀ ଲିମିଟେଡ, ବିଦ୍ୟୁତ ଭବନ, ବିଧାନ ନଗର, ସଲ୍ଟ ଲେକ୍ ସିଟି, କୋଲକାତା - ୭୦୦୦୯୧
ଛ) ବିଜୁଳି ବିଭାଗ, ସିକ୍କିମ ସରକାର, କାଜି ରୋଡ, ଗାଙ୍ଗଟକ, ସିକିମ-୭୩୭୧୦୧
ଜ) ଦାମୋଦର ଭେଲି କର୍ପୋରେସନ୍ (ଡିଭିସି), ଡିଭିସି ଟାୱାର୍ସ, କୋଲକାତା, ପଶ୍ଚିମବଙ୍ଗ- ୭୦୦୦୫୪
୨. ଷ୍ଟେସନର ଉତ୍ପାଦନ କ୍ଷମତା : ୩୯୦ ମେଗାୱାଟ
୩. ପରିଯୋଜନାର ଅନୁମୋଦିତ ପୂଞ୍ଜି ମୂଲ୍ୟ: ଟ.୩୮୦୩.୨୨ କୋଟି
୪. ପ୍ରାଧିକରଣ ଯାହାର ପୂଞ୍ଜି ମୂଲ୍ୟକୁ ଅନୁମୋଦିତ କରଛି : ସିଇଆରସି
୫. ବାଣିଜ୍ୟିକ ପ୍ରଚାଳନର ନିର୍ଦ୍ଧାରିତ ତିଥି: ପ୍ରଯୁଜ୍ୟ ନୁହେଁ
୬. ଷ୍ଟେସନର ବାଣିଜ୍ୟିକ ପ୍ରଚାଳନର ବାସ୍ତବିକ ତିଥି: ୦୧.୦୭.୨୦୧୭
୭. ଷ୍ଟେସନର ବାଣିଜ୍ୟିକ ପ୍ରଚାଳନର ତିଥିର ପୂଞ୍ଜି ମୂଲ୍ୟ: ପ୍ରଯୁଜ୍ୟ ନୁହେଁ
୮. ଟାରିଫର ବିବରଣୀ:

| ବିବରଣୀ | ପୂର୍ବ ବର୍ଷ ପାଇଁ ଟାରିଫ | ବର୍ଷ ଅନୁଯାୟୀ ଟାରିଫ ନିର୍ଦ୍ଧାରଣ କରାଯାଇଅଛି | | | | |
|---|---|---|---|---|---|---|
| | | 2024-25 | 2025-26 | 2026-27 | 2027-28 | 2028-29 |
| ୧. କ୍ଷମତା ପ୍ରଭାର (ଟ.ଲକ୍ଷ/ବର୍ଷ) | 72758.24 | 72435.16 | 73748.57 | 75948.20 | 78159.62 | 80910.38 |
| ୨. ଉର୍ଜା ପ୍ରଭାର (ଟ./ ପ୍ରତି ୟୁନିଟ୍) | 2.948 | 3.001 | | | | |

ମାନନୀୟ ସିଇଆରସିଙ୍କ ସମ୍ମୁଖରେ ଦାଖଲ ମୁଜାଫରପୁର ଥର୍ମାଲ ପାୱାର ଷ୍ଟେସନ, ଷ୍ଟେଜ-୨ (୨X୧୯୫ ମେଗାୱାଟ) ପାଇଁ ୨୦୧୯-୨୪ ଅବଧି ହେତୁ ଟାରିଫର ଟ୍ରୁ-ଅପ ନିମନ୍ତେ ଦାୟର ଯାଚିକା ଅନୁଯାୟୀ।
୯. ଟାରିଫର ନିର୍ଦ୍ଧାରଣ ହେତୁ ଦାଖଲ ଆବେଦନ ର ଏକ କପି ଏନଟିପିସିର ୱେବସାଇଟ www.ntpc.co.in ରେ ଟ୍ୟାବ 'ନୋଟିସ୍'ର ଅନ୍ତର୍ଗତ ପ୍ରକାଶିତ ହୋଇଅଛି।
୧୦. ସିଇଆରସିର ଅନ୍ତର୍ଗତ ଟାରିଫ ନିର୍ଦ୍ଧାରଣ ହେତୁ ପ୍ରସ୍ତାବରେ ଲାଭାର୍ଥୀ ସହିତ କୌଣସି ବ୍ୟକ୍ତି ଦ୍ୱାରା ପ୍ରସ୍ତାବ କିମ୍ବା ଅଭିଯୋଗ, ଯଦି ଅଛି ତେବେ ସେହି ନୋଟିସ୍ ପ୍ରକାଶନର ୩୦ ଦିନ ଭିତରେ ଯାଚିକାକର୍ତ୍ତାଙ୍କୁ ଏହାର ଏକ ନକଲ ସହିତ ଆୟୋଗର ଇ-ଫାଇଲିଙ୍ଗ ପୋର୍ଟାଲ ମାଧ୍ୟମରେ ପ୍ରସ୍ତୁତ କରାଯାଇପାରିବ।

ସ୍ଥାନ: ନୋଏଡା (ଉ.ପ୍ର.) (ପ୍ରଣବ ଚତୁର୍ବେଦୀ)
ତାରିଖ: ୦୩.୧୨.୨୦୨୪ ଅତିରିକ୍ତ ମହାପ୍ରବନ୍ଧକ (ବାଣିଜ୍ୟିକ)

ବିଦ୍ୟୁତ କ୍ଷେତ୍ରରେ ଅଗ୍ରଣୀ


### ହାତୀ ସୁରକ୍ଷାକୁ ନେଇ ଡବ୍ଲୁଟିଆଇ ପକ୍ଷରୁ କର୍ମଶାଳା

# ଶିମିଳିପାଳ ବନ୍ୟଜନ୍ତୁଙ୍କ ଭବିଷ୍ୟତ ସୁରକ୍ଷାକୁ ଗୁରୁତ୍ୱ

**ବାରିପଦା, ୧୮ ।୧(ସମିସ)**



ଭାରତୀୟ ବନ୍ୟପ୍ରାଣୀ ଟ୍ରଷ୍ଟ ଓ ଓଡ଼ିଶା ବନ ବିଭାଗର ମିଳିତ ଭାବେ ଗଜ ଉତ୍ସବ ଅବସରରେ 'ପ୍ରକୃତି ଏବଂ ଗଣମାଧ୍ୟମ: ଦାୟିତ୍ୱପୂର୍ଣ୍ଣ ଏବଂ ସମ୍ବେଦନଶୀଳ ସାମ୍ବାଦିକତା' ଉପରେ ଏକ ଦୁଇ ଦିନିଆ କର୍ମଶାଳା ଉଦଘାଟିତ ହୋଇଛି। ବାରିପଦା ବନଖଣ୍ଡ କାର୍ଯ୍ୟାଳୟ ସଂକଳ୍ପ ମଣ୍ଡପରେ ଆୟୋଜିତ କାର୍ଯ୍ୟକ୍ରମରେ ୫ଟି ରାଜ୍ୟର ୧୪ଜଣ ବରିଷ୍ଠ ଖବରଦାତା ଉପସ୍ଥିତ ରହି ବନ୍ୟପ୍ରାଣୀ ଓ ମଣିଷ ମଧ୍ୟରେ ଘଟୁଥିବା ସଂଘର୍ଷ ସମ୍ପର୍କରେ ବିଶଦ ଆଲୋଚନା କରିଥିଲେ। ଡବ୍ଲୁଟିଆଇ ଟ୍ରଷ୍ଟର ନେଚୁରାଲ ହେରିଟେଜ କେମ୍ପେନର ଆସିଷ୍ଟାଣ୍ଟ ମ୍ୟାନେଜର ସାୟମନ୍ତୀ ବନ୍ଦୋପାଧ୍ୟାୟ ଉପସ୍ଥିତ ରହି ଓଡ଼ିଶା, ତାମିଲନାଡୁ, କେରଳ ଏବଂ କର୍ଣ୍ଣାଟକର ସାମ୍ବାଦିକଙ୍କୁ ବନ୍ୟପ୍ରାଣୀ ସଂରକ୍ଷଣ, ପରିବେଶଗତ ଚିନ୍ତାଧାରା ଏବଂ ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ ଜନସ୍ୱାର୍ଥ ପ୍ରସଙ୍ଗ ଉପରେ ଦାୟିତ୍ୱପୂର୍ଣ୍ଣ ରିପୋର୍ଟିଂ ବିଷୟରେ ଅବଗତ କରିଥିଲେ। ହାତୀ ସୁରକ୍ଷା ଓ କରିଡର ବ୍ୟବସ୍ଥାକୁ ନେଇ ବିଭାଗୀୟ ପଦକ୍ଷେପ ଓ ଖବରଦାତାଙ୍କ ଦାୟିତ୍ୱ ସମ୍ପର୍କରେ ଫକୀର ମୋହନ ବିଶ୍ୱବିଦ୍ୟାଳୟର ଅତିରିକ୍ତ ପ୍ରଫେସର ନୀଳାଦ୍ରି ଭୂଷଣ କର ଆଲୋଚନା କରିଥିଲେ। ଏଏସଏଆରର ମୁଖ୍ୟ ବିରାଟ ସିଂହ ବନ୍ୟଜନ୍ତୁଙ୍କୁ ଦୋଷୀ କରା ନ ଯାଇ ସେମାନଙ୍କ ସୁରକ୍ଷା ପ୍ରତି ସହଯୋଗ କରାଗଲେ ଜଙ୍ଗଲ ଓ ଜୀବଜନ୍ତୁଙ୍କୁ ନେଇ ପରିବେଶ ଓ ଜଳବାୟୁ ନିୟନ୍ତ୍ରଣରେ ବ୍ୟାପକ ପରିବର୍ତ୍ତନ ଆସିପାରିବ। ଦୈନିକ 'ସକାଳ'ର ଉତ୍ତର ଓଡ଼ିଶା ବ୍ୟୁରୋ ମୁଖ୍ୟ ଅସୀମ ମହାପାତ୍ର ଯୋଗଦେଇ ଝାଡ଼ଖଣ୍ଡର ଦଲମା ଅଭୟାରଣ୍ୟର ପ୍ରାକୃତିକ ପରିବେଶ ନଷ୍ଟ ହେବା ପରେ ହାତୀପଲ ପଶ୍ଚିମବଙ୍ଗର ଝାଡ଼ଗ୍ରାମ ଜଙ୍ଗଲ ପରି ହୋଇ ମୟୂରଭଞ୍ଜ ଜିଲ୍ଲାର ଶୁଳିଆପଦା, ମୋରଡ଼ା, ରାସଗୋବିନ୍ଦପୁର, ବେତନଟୀ ଓ ଜଳେଶ୍ୱର ବ୍ଲକର ରାଇବଣିଆ ଅଞ୍ଚଳ ମଧ୍ୟରେ କିଛି ବର୍ଷ ଧରି ସ୍ଥାୟୀ ଭାବେ ରହି ଆସୁଛନ୍ତି। ଏହି ସ୍ଥାନରେ ଏତେ ସଂଖ୍ୟକ ହାତୀଙ୍କ ରହଣି ପାଇଁ ଆବଶ୍ୟକ ଥିବା ଜଙ୍ଗଲ, ଖାଦ୍ୟ, ପାଣି ପର୍ଯ୍ୟାପ୍ତ ନ ଥିବାରୁ ଜନବସତି ଅଞ୍ଚଳରେ ପଶି ଦୈନିକ କ୍ଷତି କରି ଆସୁଛନ୍ତି। ହାତୀ ଓ ମଣିଷ ମଧ୍ୟରେ ମୁହାଁମୁହିଁ ପରିସ୍ଥିତି ଉପୁଜୁଥିବା ବେଳେ ଏହାର ସ୍ଥାୟୀ ସମାଧାନ ପାଇଁ ଗୋଷ୍ଠୀ ସ୍ତରରେ ସଚେତନତା ଆବଶ୍ୟକ ବୋଲି ସେ କହିଥିଲେ। ସେହିପରି ଘଟଣାର ସତ୍ୟାସତ୍ୟ ତଥ୍ୟ ଯାଞ୍ଚ କରି ଖବର ପରିବେଷଣ, ଜୀବଜନ୍ତୁଙ୍କ ପ୍ରତି ଭାବପ୍ରବଣତା, ସମ୍ବେଦନଶୀଳତା ଓ ବିଭାଗୀୟ ଅଧିକାରୀଙ୍କ ସହ ସମ୍ପର୍କ ରଖି ଖବର ପ୍ରକାଶନ ଉପରେ ଗୁରୁତ୍ୱ ପ୍ରଦାନ କରାଯାଇଥିଲା। ବନ୍ୟପ୍ରାଣୀ ଓ ଜଙ୍ଗଲ ପରିବେଶବିତ ପଦ୍ମନାଭନ ଓପଲ୍ଲି, କେ. ପ୍ରବୀଣ କୁମାର, ଖବରଦାତା ନିରଞ୍ଜନ କାଗ୍ଗରେ ପ୍ରମୁଖ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ। କର୍ମଶାଳା ଶେଷରେ ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପ ଦକ୍ଷିଣ ଡିଭିଜନର ଉପନିର୍ଦ୍ଦେଶକ ଡ. ସମ୍ରାଟ ଗୌଡା, ଉତ୍ତର ଡିଭିଜନର ଉପନିର୍ଦ୍ଦେଶକ ସାଇ କିରଣ ଓ ବାରିପଦା ବନଖଣ୍ଡ ଅଧିକାରୀ ଏ. ଉମା ମହେଶ ପ୍ରମୁଖ ମହାବଳ ବାଘ ଓ ହାତୀ ସଂରକ୍ଷଣ ଓ ଶିକାର ରୋକିବା ଦିଗରେ ନିଆଯାଇଥିବା କାର୍ଯ୍ୟାନୁଷ୍ଠାନ ସମ୍ପର୍କରେ ଅବଗତ କରିଥିଲେ। ଶିକାର ରୋକିବା ଦିଗରେ ଗଣମାଧ୍ୟମ, ନ୍ୟାୟପାଳିକା ଓ ଉଚ୍ଚ ପଦସ୍ଥ ଅଧିକାରୀଙ୍କ ସମେତ ସରକାରଙ୍କ ସହଯୋଗ ନିତାନ୍ତ ଆବଶ୍ୟକ ବୋଲି କହିଥିଲେ। ଏଥିସହିତ ଏଥିସହିତ ଶିମିଳିପାଳ ବନ୍ୟଜନ୍ତୁଙ୍କ ଭବିଷ୍ୟତ ସୁରକ୍ଷାକୁ ଗୁରୁତ୍ୱ ନେଇ ଡ. ସମ୍ରାଟ ଗୌଡା ବକ୍ତବ୍ୟ ରଖିଥିଲେ। ଶିମିଳିପାଳରେ ବାଘ ବଂଶ ବୃଦ୍ଧି ପାଇବାରେ ଲାଗିଥିବା ବେଳେ ୫୦ ପ୍ରତିଶତ ମିଳେନାଷ୍ଟିକ ମହାବଳ ରହିଛନ୍ତି। ଏନଟିସିଏ ପକ୍ଷରୁ ଗଣନା କରାଯାଇ ୧୩୦ କଳରାପତରିଆ ବାଘ ରହିଥିବା ନେଇ ପ୍ରକାଶ ପାଇଥିବା ବେଳେ ଅଧିକ ସଂଖ୍ୟକ କଳରାପତରିଆ ବାଘ ରହିଥିବା ନେଇ ରାଜ୍ୟ ସରକାରଙ୍କ ପକ୍ଷରୁ ଗଣନାରେ ଜଣାପଡ଼ିଛି ବୋଲି ପ୍ରକାଶ କରିଥିଲେ। କର୍ମଶାଳାରେ ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ ଖବରଦାତା ସୁକାନ୍ତ କୁମାର ସାହୁ, ନୀଳାଦ୍ରି ବିହାରୀ ଦଣ୍ଡପାଟ, ମୌସୁମୀ ମହାନ୍ତି, ମଧୁମୟ ମଲ୍ଲିକ, କୋଟେସ୍ୱରନ, ରାକ୍ଷୀ ଘୋଷ, ଶୋଭା ସୁରିନ, କେଶବ ପାଣି, ମଧୁମୟ ମଲ୍ଲିକ, ଅରିନୀତା ସାଣ୍ଡିଲ୍ୟ ପ୍ରମୁଖ ଉପସ୍ଥିତ ରହି ହାତୀ ସୁରକ୍ଷା ଦିଗରେ ବ୍ୟାପକ ଜନସଚେତନତା ସୃଷ୍ଟି କରିବା ପାଇଁ ପରାମର୍ଶ ଦେଇଥିଲେ।

**ନ୍ୟାୟପାଳିକା ଓ ଗଣମାଧ୍ୟମର ସହଯୋଗ ଗୁରୁତ୍ୱପୂର୍ଣ୍ଣ**

**ସରିଳା ପକ୍ଷୀ ଗଣନା କାର୍ଯ୍ୟକ୍ରମ**

# କେନ୍ଦୁଝର ବନଖଣ୍ଡରେ ୪୧୧୨ ବିଦେଶୀ ପକ୍ଷୀ



କେନ୍ଦୁଝର, ୧୮।୧(ସମିସ)

କେନ୍ଦୁଝର ବନଖଣ୍ଡରେ ବନବିଭାଗ ପକ୍ଷରୁ ପକ୍ଷୀ ଗଣନା କାର୍ଯ୍ୟକ୍ରମ ଶନିବାର ଶେଷ ହୋଇଛି। ପକ୍ଷୀ ଗଣନା ପାଇଁ କେନ୍ଦୁଝର ବନଖଣ୍ଡର ସଦର ରେଞ୍ଜ, ଘଟଗାଁ, ବିଜେପି, ତେଲକୋଇ, ଚମ୍ପୁଆ ଓ ପାଟଣା ରେଞ୍ଜ ଅଧୀନ ୨୧ଟି ବନ୍ଧ, ପୋଖରୀ ଓ ଆର୍ଦ୍ରଭୂମି ଚିହ୍ନଟ କରାଯାଇଥିଲା। ଏହି ପକ୍ଷୀ ଗଣନା କାର୍ଯ୍ୟକ୍ରମ ପାଇଁ ୨୧ଟି ଟିମ୍ ଗଠନ କରାଯାଇଥିଲା। ପୂର୍ବରୁ କେନ୍ଦୁଝରକୁ ବିଦେଶୀ ପକ୍ଷୀ ଆଗମନ କରୁନଥିବା ବେଳେ ଚଳିତବର୍ଷ ଅତ୍ୟଧିକ ଥଣ୍ଡା ଅନୁଭୂତ ହେଉଥିବାରୁ ରଙ୍ଗବେରଙ୍ଗ ପକ୍ଷୀ ଆଗୁଆ ଆସି ପହଞ୍ଚିଛନ୍ତି। ପୂର୍ବରୁ ଜାନୁଆରୀ ୧୦ ତାରିଖ ପକ୍ଷୀ ଗଣନା ହେଉଥିବା ବେଳେ ଚଳିତବର୍ଷ ଚିଲିକା ବାର୍ଡ ଫେଷ୍ଟିଭାଲ ଯୋଗୁଁ ୧୮ ତାରିଖ ପକ୍ଷୀ ଗଣନା କରିବାକୁ ନିଷ୍ପତ୍ତି ହୋଇଥିଲା। ପୂର୍ବରୁ ୩ ଦିନ ପକ୍ଷୀ ଗଣନା ହେଉଥିବା ବେଳେ ଚଳିତବର୍ଷ ଗୋଟିଏ ଦିନ କରିବା ପାଇଁ ସରକାରଙ୍କ ନିର୍ଦ୍ଦେଶ ରହିଥିଲା।

ସୂଚନା ଅନୁସାରେ କେନ୍ଦୁଝର ସଦର ରେଞ୍ଜ ଅଧୀନ ୯ଟି ସ୍ଥାନ ଯଥା- ନଳପଙ୍ଗା ଡ୍ୟାମ, ବଡଶାସନ ପୋଖରୀ, ଟିକରପଡ଼ା ଡ୍ୟାମ, ଚାନ୍ଦିନୀ ପୋଖରୀ, ସାପୁଆ ଡ୍ୟାମ, କୋଡିପଶା ଡ୍ୟାମ, କାନ୍‌ଝରି ଡ୍ୟାମ, ଜଗଦଳା ଡ୍ୟାମ, ଧୂଳିଆବେଡା ଡ୍ୟାମ ପ୍ରଭୃତି ଅଞ୍ଚଳରେ ପକ୍ଷୀ ଗଣନା କରାଯାଇଛି। ସେହିଭଳି ଘଟଗାଁ ରେଞ୍ଜ ଅଧୀନରେ ୩ଟି ସ୍ଥାନ କାଳିମାଟି ଜଳଭଣ୍ଡାର, ମାନପୁର ଡ୍ୟାମ, କାଣ୍ଡସର ଡ୍ୟାମ୍‌ରେ ପକ୍ଷୀଗଣନା ପାଇଁ କର୍ମଚାରୀ ନିୟୋଜନ କରାଯାଇଥିଲା। ଅନ୍ୟପକ୍ଷରେ ବିଜେପି (ଭୂୟାଁ-ଜୁଆଙ୍ଗ-ପିଢ଼) ରେଞ୍ଜର ବଡଘାଗରା ଜଳଭଣ୍ଡାର ଓ ତେଲକୋଇ ରେଞ୍ଜ ଅଧୀନ ୫ଟି ସ୍ଥାନ ଯଥା- ଖଜୁରିଆ କ୍ଷୁଦ୍ର ଜଳସେଚନ ପ୍ରକଳ୍ପ, ଦଣ୍ଡାଧାର ଡ୍ୟାମ, ଖୁଣ୍ଟାପଡ଼ା ଡ୍ୟାମ, କାକୁଡିଅମ୍ବା ଡ୍ୟାମ୍ ଓ ସଲେଇକେନା ଡ୍ୟାମରେ ପକ୍ଷୀ ଗଣନା କରାଯାଇଥିଲା। ଏତଦ୍ ଭିନ୍ନ ଚମ୍ପୁଆ ରେଞ୍ଜ ଅଧୀନ ଯୋଡ଼ା ସେକ୍ସନର ସ୍ଲାଇମ ପୋଖରୀ ଯୋଡ଼ାରେ ପକ୍ଷୀ ଗଣନା ହୋଇଥିଲା। ଏପଟେ ପାଟଣା ବନାଞ୍ଚଳର ଖିରେଇଟାଙ୍ଗିରୀ ବଡବନ୍ଧରେ ମଧ୍ୟ ପକ୍ଷୀ ଗଣନା କରାଯାଇଥିଲା। ୨୧ଟି ସ୍ଥାନରେ ପକ୍ଷୀ ଗଣନା ନିମନ୍ତେ ୨୧ ଟିମ୍ ଗଠନ କରାଯିବା ସହ ଏଥିପାଇଁ ଗଣନାକାରୀଙ୍କୁ ସବିଶେଷ ତାଲିମ ଦିଆଯାଇଥିଲା। ପ୍ରତି ଦଳକୁ ବାଇନାକୁଲାର, କ୍ୟାମେରା, ଜିପିଏସ୍ ସ୍କେଲ ଓ ଡିଏଚ୍‌ଏଫ୍ ଆଦି ଯନ୍ତ୍ର ବନବିଭାଗ ପକ୍ଷରୁ ଯୋଗାଇ ଦିଆଯାଇଥିଲା। ଗଣନା ସମୟରେ ଯେପରି ବାଧା ସୃଷ୍ଟି ନହେବ ସେଥିପ୍ରତି ବନାଞ୍ଚଳ ଅଧିକାରୀମାନେ ଦାୟିତ୍ୱ ତୁଲାଇଥିଲେ। ଏଥିନେଇ ବିଭିନ୍ନ ଜଳାଶୟର ମତ୍ସ୍ୟଜୀବୀମାନଙ୍କୁ ମଧ୍ୟ ସଚେତନ କରାଯାଇଥିଲା।

ସୂଚନାଯୋଗ୍ୟ ଯେ, ପକ୍ଷୀ ଗଣନା ୩ଟି ପଦ୍ଧତିରେ କରାଯାଇଥାଏ। ପ୍ରଥମ ହେଲା ଯେଉଁଠି ସ୍ୱଳ୍ପ ସଂଖ୍ୟକ ପକ୍ଷୀ ଥିବେ ସେଠାରେ ସିଧାସଳଖ ୧, ୨, ୩, ୪ ହିସାବରେ ଗଣନା କରାଯାଏ। ଦ୍ୱିତୀୟ ପଦ୍ଧତି ହେଉଛି ଯେଉଁଠି ଅଧିକ ପକ୍ଷୀ ଥିବେ ଉକ୍ତ ଅଞ୍ଚଳକୁ ବାଇନାକୁଲାର ଦ୍ୱାରା ଗୋଟିଏ ଗୋଟିଏ ବ୍ଲକରେ ବିଭକ୍ତ କରାଯାଇଥାଏ। ଗୋଟିଏ ବ୍ଲକରେ ଥିବା ପକ୍ଷୀଙ୍କ ସମଷ୍ଟୀକରଣ କରାଯାଇ ଯେତୋଟି ବ୍ଲକ ହୋଇଥାଏ ତାହାକୁ ଗୁଣିତ କରି ପକ୍ଷୀ ସଂଖ୍ୟା ନିର୍ଦ୍ଧାରଣ ହୁଏ। ତୃତୀୟଟି ହେଲା ଗୋଟିଏ ସ୍ଥାନରେ ଅଗଣତି ପକ୍ଷୀ ଯାହାକି ବାଇନାକୁଲାର ପରିଧିକୁ ଆସେ ନାହିଁ ତାହାକୁ ଜିପିଏସ୍ ସ୍କେଲ ଦ୍ୱାରା ମପାଯାଇ ପ୍ରଜାତି ଓ ସଂଖ୍ୟା ନିର୍ଦ୍ଧାରଣ କରାଯାଇଥାଏ ବୋଲି ଏସିଏଫ୍ ଅଶୋକ କୁମାର ଦାସ ସୂଚନା ଦେଇଛନ୍ତି। ପକ୍ଷୀ ଗଣନାରେ ଭୂୟାଁ-ଜୁଆଙ୍ଗ-ପିଢ଼ (ବିଜେପି) ରେଞ୍ଜ ଅନ୍ତର୍ଗତ ବଡ଼ଘାଗରା ଜଳଭଣ୍ଡାରରେ ୬ଟି ପ୍ରଜାତିର ୭୩ଟି ପକ୍ଷୀ ଚିହ୍ନଟ ହୋଇଥିବା ରେଞ୍ଜର ନୟନକାନ୍ତ ସାହୁ ସୂଚନା ଦେଇଛନ୍ତି। ୬ଟି ପ୍ରଜାତି ମଧ୍ୟରେ କିଙ୍ଗ ଫିସର, ଲିଟିଲ ଇଗ୍ରେଟ୍, ଗ୍ରେଟ କରମରାଣ୍ଟ, ଲିଟିଲ କରମରାଣ୍ଟ, ଲେସଲ ହ୍ୱିଇସଲିଂ ଡକ୍, ଇଣ୍ଡିଆନ ପଣ୍ଡ ହୀରନ ପକ୍ଷୀ ଠାବ ହୋଇଛି। ୨୦୨୩ ମସିହାରେ ୨୦୮୬ ବହିରାଗତ ପକ୍ଷୀ ଗଣନା ହୋଇଥିଲା। ସେହିପରି ୨୦୨୪ ମସିହାରେ ୪୨୫୮ଟି ବହିରାଗତ ପକ୍ଷୀ ଗଣନା ପରେ ଜଣାପଡ଼ିଥିଲା। ୨୦୨୫ ପକ୍ଷୀ ଗଣନାରେ ୪୧୧୨ ପକ୍ଷୀ ଚିହ୍ନଟ ହୋଇଥିବା ବେଳେ ବିଶେଷ କରି ଲେସର ହ୍ୱିଇସଲିଂ ବତକ, ଗ୍ରେବସ୍, କୁଟସ୍, ଟିଲସ୍, କମନ ମୁର ହେନ, ଇଣ୍ଡିଆନ୍ କରମରାଣ୍ଟ, ଲୋପଓିଙ୍ଗ ଆଦି ବହିରାଗତ ପକ୍ଷୀ ଦେଖିବାକୁ ମିଳିଥିଲା। ପକ୍ଷଗଣନା କାର୍ଯ୍ୟରେ କେନ୍ଦୁଝର ଡିଏଫଓ ଧନରାଜ ଏଚଡି ନେତୃତ୍ୱ ନେଇଥିବା ବେଳେ ଏସିଏଫ୍, ରେଞ୍ଜର, ଫରେଷ୍ଟର, ଫରେଷ୍ଟଗାର୍ଡ, ନିୟୋଜିତ ହୋଇଥିଲେ।

## ପକ୍ଷୀଙ୍କ କଳରବରେ କମ୍ପୁଛି ଚଢ଼େଇକୁଦର



ଡୁରୁମୁଙ୍ଗା, ୧୮।୧(ସମିସ): କେନ୍ଦୁଝର ଜିଲ୍ଲା ପାଟଣା ରେଞ୍ଜରେ ଶନିବାର ସକାଳ ୬ଟା ଠାରୁ ପକ୍ଷୀ ଗଣନା କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ପାଟଣା ରେଞ୍ଜର ଖିରେଇଟାଙ୍ଗିରୀ ସେକ୍ସନର ବଡ଼ବନ୍ଧ ଏବଂ ରାଜନଗର ନିକଟ ବୈତରଣୀ ଚଢ଼େଇକୁଦର ଘାଟ ଠାରେ ଦୁଇଟି ଟିମ୍‌ରେ ୧୦ ଜଣ କର୍ମଚାରୀ ନିୟୋଜିତ ହୋଇଛନ୍ତି। ରାଜନଗର ଗ୍ରାମର ବୈତରଣୀ ନଦୀର ଚଢେଇକୁଦରକୁ ଶତାଧିକ ପକ୍ଷୀଙ୍କ ଆଗମନ ହୋଇଛି। ଫଳରେ ପରିବେଶବିତଙ୍କ ମନରେ ଅନେକ ଉତ୍ସାହ ଦେଖିବାକୁ ମିଳିଛି। ଏଥିସହିତ ପକ୍ଷୀମାନଙ୍କୁ ଦେଖିବା ପାଇଁ ଲୋକଙ୍କ ଭିଡ଼ ଜମିଛି। ଶୀତୁଆ ପାଗ ସାଙ୍ଗକୁ ପକ୍ଷୀଙ୍କ କିଚିରିମିଚିରି ଶବ୍ଦ ପରିବେଶବିତଙ୍କୁ ବେଶ ଆକୃଷ୍ଟ କରିଛି। ପାଟଣା ରେଞ୍ଜର ବନବିହାରୀ ସର୍ଦ୍ଦାରଙ୍କ ନେତୃତ୍ୱରେ ପକ୍ଷୀ ଗଣନା କାର୍ଯ୍ୟ ଚାଲିଥିବା ବେଳେ ଚଢେଇକୁଦରକୁ ୫୧୫ ଲେସର ହ୍ୱିଷ୍ଟିଙ୍ଗ ଡକ୍ (ହଂସ ଜାତୀୟ ପକ୍ଷୀ)ଙ୍କ ସହ ୨ଟି ପାଣିକୁଆ ଆଗମନ ହୋଇଛନ୍ତି। ଗତ ବର୍ଷ ତୁଳନାରେ କମ ପକ୍ଷୀଙ୍କ ଆଗମନ ହୋଇଥିବା କହିଛନ୍ତି ରେଞ୍ଜର। ସେହିପରି ଖିରେଇଟାଙ୍ଗିରୀ ବଡ଼ବନ୍ଧ ରେ ମଧ୍ୟ ଗତ ବର୍ଷ ତୁଳନା ରେ କମ ପକ୍ଷୀ ଚିହ୍ନଟ ହୋଇଛନ୍ତି। ଏଠାରେ ୫ ଟି ବଗ ଏବଂ ୭, ଟି ପାଣିକୁଆ ଚିହ୍ନଟ ହୋଇଛି। ପାଟଣା ରେଞ୍ଜ ପକ୍ଷରୁ ପକ୍ଷୀ ମାନଙ୍କ ସୁରକ୍ଷା ପାଇଁ ବିଶେଷ ପଦକ୍ଷେପ ନିଆ ଯିବ ବୋଲି ରେଞ୍ଜର ବନ ବିହାରୀ ସର୍ଦାର କହିଛନ୍ତି। ପକ୍ଷୀ ଗଣନା କାର୍ଯ୍ୟରେ ପାଟଣା ରେଞ୍ଜର ବନବିହାରୀ ସର୍ଦ୍ଦାର, ବନପାଳ ପିଅନ ନାଏକ, ବନରକ୍ଷୀ ଲକ୍ଷ୍ମୀପ୍ରିୟା ମହାନ୍ତ, ଡଲିରାଣୀ ସାହୁ, ପାରା ଷ୍ଟାଫ୍ ଏମ୍‌ଡି ୱାସିମ୍, ଶିରପାଣି ମହାନ୍ତ, ଭରଦ୍ୱାଜ ମହାନ୍ତଙ୍କ ସମେତ ଅନ୍ୟ କର୍ମଚାରୀ ସାମିଲ ହୋଇ ବାଇନକୁଲାର ସହାୟତାରେ ପକ୍ଷୀ ଗଣନା କରିଥିଲେ।

## ବିଦେଶାଗତ ପକ୍ଷୀଙ୍କ ଆଗମନ ସୂଚନା



ଆନନ୍ଦପୁର/ହଦଗଡ଼, ୧୮।୧(ସମିସ): ଆନନ୍ଦପୁର ବନ୍ୟପ୍ରାଣୀ ବନଖଣ୍ଡ ପକ୍ଷରୁ ଆଜି ବିଭିନ୍ନ ଜଳପ୍ରପାତ, ଜଳଶୟ ଓ ଡ୍ୟାମ ଗୁଡିକରେ ପକ୍ଷୀ ଗଣନା କରାଯାଇ ବିଦେଶାଗତ ପକ୍ଷୀମାନଙ୍କ ସମ୍ପର୍କରେ ତଥ୍ୟ ସଂଗ୍ରହ କରାଯାଇଛି। ତେବେ ବିଭିନ୍ନ ସ୍ଥାନର ଜଳଉତ୍ସ ଗୁଡିକରେ ବିଦେଶାଗତ ପକ୍ଷୀ ଆସିଥିବା ସୂଚନା ମିଳିଛି। ଆନନ୍ଦପୁର ଡିଏଫଓ ଅଭୟ କୁମାର ଦଳେଇଙ୍କ ତତ୍ତ୍ୱାବଧାନରେ ଆନନ୍ଦପୁର ରେଞ୍ଜର ଐତିହାସିକ ଗଡ଼ଖାଇ ସିଆଡିମାଳିଆ, ବୈତରଣୀ ନଦୀ ତଟ, ଗଡ଼ ଜଳସେଚନ ପ୍ରକଳ୍ପ, ମଦନପୁର ଡ୍ୟାମ୍‌ର ୫ଟି ୟୁନିଟ୍, ହଦଗଡ଼ ରେଞ୍ଜର ସାଳନ୍ଦୀ ନଦୀ ତଟ, ଡ୍ୟାମର ଜିରୋ ପଏଣ୍ଟ, କେ.ବାଲିପାଳ ବାହିଆ ଡ୍ୟାମ୍, ଦଳିକି, ବିଦ୍ୟାଧରପୁର ଡ୍ୟାମ୍‌ର ୫ଟି ୟୁନିଟ୍, ଦୈତାରୀ ରେଞ୍ଜର ଦୈତାରୀ ଡ୍ୟାମ୍, ସୁନାପେଣ୍ଠ ଜଳଶୟ, ବଣିଟାଙ୍ଗର ଜଳପାଟ ୪ଟି ୟୁନିଟ୍ ଏବଂ ଦେଓଗାଁ ରେଞ୍ଜର ୪ଟି ୟୁନିଟ୍‌ରେ ବିଭାଗୀୟ ରେଞ୍ଜର, ଫରେଷ୍ଟର ଓ କର୍ମଚାରୀମାନେ ଦୂରବୀକ୍ଷଣ ଯନ୍ତ୍ର ଯୋଗେ ପକ୍ଷୀ ଗଣନା କରିଥିବା ଜଣାଯାଇଛି। ଆଜିର ଏହି ପକ୍ଷୀଗଣନା କାର୍ଯ୍ୟରେ ଆନନ୍ଦପୁର ବନ ଅଧିକାରୀ ନବ କୁମାର ନାୟକ, ଦୈତାରୀ ବନ ଅଧିକାରୀ ପ୍ରିୟଦର୍ଶନୀ ସାହୁ, ହଦଗଡ଼ ବନ ଅଧିକାରୀ ମାର୍ଶାଲ କିସ୍କୁ, ବନପାଳ ମଳୟ କୁମାର ସାହୁ, କେଦାର କୁମାର ପାତ୍ର, ଡମ୍ବୁରୁଧର ମହାନ୍ତଙ୍କ ସମେତ ବନରକ୍ଷୀ ଜ୍ୟୋତିରଞ୍ଜନ ମାଝୀ, ଜୋତ୍ସ୍ନାରାଣୀ ନାୟକ, ଦୀନେଶ ମାଝୀ, ଅଜୟ ସେଠୀ ପ୍ରମୁଖଙ୍କ ସମେତ ସମସ୍ତ ପଦାଧିକାରୀ ସାମିଲ ହୋଇଥିଲେ।

## ଲ୍ୟାମ୍ପ ପରିଚାଳକଙ୍କ ପରଲୋକରେ ଶୋକ



ଡୁରୁମୁଙ୍ଗା, ୧୮।୧(ସମିସ): କେନ୍ଦୁଝର ଜିଲ୍ଲା ପାଟଣା ବ୍ଲକ ରାଜନଗର ଲ୍ୟାମ୍ପ ପରିଚାଳକ ରାଇକଳା ଗ୍ରାମର ସନ୍ତୋଷ କୁମାର ମିଶ୍ରଙ୍କ ଶୁକ୍ରବାର ରାତିରେ ୪୮ ବର୍ଷ ବୟସରେ ହୃଦ୍‌ଘାତରେ ଅକାଳ ବିୟୋଗ ହୋଇଛି। ଶୁକ୍ରବାର ରାତିରେ ୩ଟା ସମୟରେ ଛାତିରେ ଯନ୍ତ୍ରଣା ହେବାରୁ ଅସୁସ୍ଥତା ଅନୁଭବ କରିବାରୁ ପରିବାର ଲୋକେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ। ସେଠାରେ ତାଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ଡୁରୁମୁଙ୍ଗା ଥାନା ଏସ୍‌ଆଇ ସୁରେଶ କୁମାର ସାହୁ କେନ୍ଦୁଝର ମେଡିକାଲରେ ଶବ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛନ୍ତି। ଏନେଇ ଡୁରୁମୁଙ୍ଗା ଥାନା ରେ ୪/୨୫ରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି। ଶନିବାର ସନ୍ଧ୍ୟାରେ ରାଇକଳା ସ୍ଥିତ ବୈତରଣୀ ନଦୀ ଘାଟରେ ଶେଷକୃତ୍ୟ ସମ୍ପନ୍ନ କରାଯାଇଛି। ଏକମାତ୍ର ପୁତ୍ର ଶକ୍ତି ସ୍ୱରୂପ ମିଶ୍ର ମୁଖାଗ୍ନି ଦେଇଥିଲେ। ସନ୍ତୋଷଙ୍କ ବିୟୋଗରେ ପାଟଣା ବିଧାୟକ, ଅଖିଳ ଚନ୍ଦ୍ର ନାଏକ, ପୂର୍ବତନ ବିଧାୟକ ଜଗନ୍ନାଥ ନାଏକଙ୍କ ସମେତ ସମବାୟ ବ୍ୟାଙ୍କ କର୍ମଚାରୀ ଶୋକ ପ୍ରକାଶ କରିଛନ୍ତି।

● ରାଜ୍ୟସ୍ତରୀୟ ଫୁଟବଲ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ

## କେନ୍ଦୁଝରକୁ ହରାଇ ଯାଜପୁର ଚାମ୍ପିଅନ

ଆନନ୍ଦପୁର, ୧୮।୧(ସମିସ): ସ୍ଥାନୀୟବରିପାଳ ପଞ୍ଚାୟତ ଅନ୍ତର୍ଗତ ଶୁଆପୁର ଗ୍ରାମ ଖେଳପଡ଼ିଆ ଠାରେ ଶୁସେର ସାଉଁତା ରାଜ୍ୟସ୍ତରୀୟ ୨୮ ତମ ବାର୍ଷିକ ଫୁଟବଲ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ଏଥିରେ ୩୨ଗୋଟି ଟିମ ରାଜ୍ୟ ଓ ରାଜ୍ୟ ବାହାର ଟିମ ଅଂଶ ଗ୍ରହଣ କରିଥିଲେ। ଉଦଯାପନୀ ଫାଇନାଲ ମ୍ୟାଚରେ କେନ୍ଦୁଝର ୧୦୫୧ ଏଫସିକୁ ଟ୍ରାଇବେକର ସହାୟତାରେ ୨-୩ ଗୋଲରେ ହରାଇ ଯାଜପୁର ଆଇଜେଲ ଏଫସି ବିଜୟୀ ହୋଇ ଚାମ୍ପିଅନ ହୋଇଥିଲା। ପୁରସ୍କାର ବିତରଣ ଉତ୍ସବରେ କ୍ଲବର ସଭାପତି ଗୋପିନାଥ ହାସଦା ସଭାପତିତ୍ୱରେ ସଭାରେ ମୁଖ୍ୟ ଅତିଥି ଘସିପୁରା ବ୍ଲକ ପୂର୍ବତନ ଅଧକ୍ଷ ଦେବାଶିଷ ପାତ୍ର, ସମ୍ମାନିତ ଅତିଥି ବରିପାଳ ସରପଞ୍ଚ ପଦ୍ମଲୋଚନ ସା, ଶାଳଦେଇ ସମବାୟ ସଭାପତି ବିଶ୍ୱରଞ୍ଜନ ବେହେରା, ବିଶିଷ୍ଟ କ୍ରୀଡାବିତ୍ ବୁଲୁ ପଟ୍ଟନାୟକ, ସମାଜସେବୀ ବିଜୟ ଚକ୍ର, ରବୀନ୍ଦ୍ର ନନ୍ଦ ଓ ବହୁ ବ୍ୟକ୍ତି ବିଶେଷ ଯୋଗଦେଇ ଚାମ୍ପିଅନ ଓ ରନର୍ସଅପ ଦଳକୁ ପୁରସ୍କୃତ କରିଥିଲେ। ଏଥିରେ ଲାଇନମ୍ୟାନ୍ ଭାବେ ବିନୋଦ ହୁଙ୍ଗୁଆ, ସୁକାନ୍ତ ମାହାକୁଡ଼, ଗଜାନନ ପାତ୍ର, ଭାଷ୍ୟକାର ଭାବେ ରଞ୍ଜିତ ତିରିଆ, ମୋହନ ମୁର୍ମୁ, ପିତବାସ ସୋରେନ ଉପସ୍ଥିତ ଥିଲେ। ଏଥିରେ କ୍ଲବର ଉପସଭାପତି ଗୋପିନାଥ ହାସଦା, ରତ୍ନାକର ହାସଦା, ସମ୍ପାଦକ ଭୀମସେନ ଟୁଡୁ, ଉପସମ୍ପାଦକ ମିର୍ଜା ସୋରେନ୍, ସଦସ୍ୟ ଅଖିଳ ହାସଦା, ସୁରିୟା ମୁର୍ମୁ, ଅନୀଲ ସୋରେନ୍, ସୁଧାକର ବେର୍ସରା, ସନାତନ ହାସଦା, ଜାଡୁ ହାସଁଦା ଓ ସମସ୍ତ ସଦସ୍ୟ ସହୋଯୋଗ କରିଥିଲେ।

## ଆତ୍ମରକ୍ଷା ତାଲିମ ଶିବିର

ଆନନ୍ଦପୁର, ୧୮।୧(ସମିସ): ଆନନ୍ଦପୁର ଉଚ୍ଚମାଧ୍ୟମିକ ବିଦ୍ୟାଳୟରେ ୮ ଦିନ ଧରି ଚାଲିଥିବା ବାଳିକମାନଙ୍କର ଆତ୍ମରକ୍ଷା ତାଲିମ ଶିବିର ଉଦଯାପିତ ହୋଇଯାଇଛି। ଏଥିରେ ସଂଯୋଜକ କରିଥିଲେ ପ୍ରାଧ୍ୟାପକ ଶିବଚରଣ ବେହେରା। ଅଧକ୍ଷ ଡ. ନାରାୟଣ ମିଶ୍ରଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ଭାବେ ଡ. ବିକାଶ ପ୍ରସାଦ ଯୋଗ ଦେଇଥିଲେ। ପ୍ରଧାପିକା ଶ୍ରୀଲେଖା ସାହୁ, ସଂଘମିତ୍ରା ରାଉତ, ମିତାଶ୍ରୀ ବେହେରା, ଗୀତାଞ୍ଜଳି ନାୟକ, ମଧୁସ୍ମିତା ସାହୁ, ସାବିନା ବେଗମ, ଭାରତୀ ସାହୁ, ଅନିତା ଦାସ, ମମତା ମିଶ୍ର ଓ ପ୍ରଶିକ୍ଷିକା ସୀମନ୍ତିନୀ ସାହୁ, ଅରୁନ୍ଧତି ନାଥ ପ୍ରମୁଖ ଉପସ୍ଥିତ ଥିଲେ।

● ଦୁର୍ଘଟଣାରେ ଭାଇ, ଭଉଣୀ ମୃତ ଘଟଣା

## ଶବ ରଖି ଜାତୀୟ ରାଜପଥ ଅବରୋଧ



ବାଲିବନ୍ଧ, ୧୮।୧(ସମିସ): ଝୁମ୍ପୁରା ଥାନା ଅଧୀନ ୨୦ନମ୍ବର ଜାତୀୟ ରାଜପଥ ରଜାବସା ନିକଟରେ ଗତ ଗୁରୁବାର ଅପରାହ୍ନରେ ଘଟିଥିବା ମର୍ମନ୍ତୁକ ସଡ଼କ ଦୁର୍ଘଟଣାକୁ ନେଇ ଶନିବାର ଦୀର୍ଘ ୬ ଘଣ୍ଟା ଜାତୀୟ ରାଜପଥ ଅବରୋଧ ହୋଇଥିଲା। ଟ୍ରେଲର ଧକ୍କାରେ ଭାଇଭଉଣୀ ଘଟଣାସ୍ଥଳରେ ମୃତ୍ୟୁ ଘଟିଥିବା ବେଳେ ଜଣେ ଗୁରୁତର ହୋଇଥିଲା। ସେହି ଘଟଣାକୁ ନେଇ ମୃତକଙ୍କ ପରିବାର ଏବଂ ଗ୍ରାମବାସୀଙ୍କ ପକ୍ଷରୁ ୫ଦଫା ଦାବି ନେଇ ଜାତୀୟ ରାଜପଥକୁ ଅବରୋଧ କରାଯାଇଥିଲା। ଦାବି ମୁତାବକ ମୃତକଙ୍କ ପରିବାରକୁ ୪୦ଲକ୍ଷ ଟଙ୍କା କ୍ଷତିପୂରଣ, ଜାତୀୟ ରାଜପଥର ରଜାବସା ଛକ ନିକଟ ଉଭୟ ପାର୍ଶ୍ୱରେ ହମ୍ପସ ଏବଂ ଉଭୟ ପାର୍ଶ୍ୱରେ ସର୍ଭିସ ରୋଡ଼ ନିର୍ମାଣ, ଦୁର୍ଘଟଣା ଘଟାଇଥିବା ଗାଡ଼ିକୁ ତୁରନ୍ତ ଠାବ କରିବା ଏବଂ ମୁଖ୍ୟମନ୍ତ୍ରୀ ମୃତକଙ୍କ ପରିବାରକୁ ସମବେଦନା ଜଣାଇବା ସହ ତାଙ୍କ ଦାବି ଗୁଡିକୁ ପୂରଣ କରିବା ପାଇଁ ଅନୁରୋଧ କରିଛନ୍ତି। ଘଟଣାସ୍ଥଳରେ ଚମ୍ପୁଆ ଉପଜିଲ୍ଲାପାଳ ଉମାକାନ୍ତ ପରିଡ଼ା, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ହରପ୍ରିୟା ନାଏକ, ସ୍ଥାନୀୟ ତହସିଲଦାର ରୋହିତ ବାଗ, ଚମ୍ପୁଆ ଏସ୍‌ଡିପିଓ ବିଜୟ କୁମାର ମଲ୍ଲିକ, ଝୁମ୍ପୁରା ଥାନା ଅଧିକାରିଣୀ ସମବାରୀ ହାଁସଦା, ଜାତୀୟ ରାଜପଥ କର୍ତ୍ତୃପକ୍ଷ (ଆରପିଓ) ପ୍ରିୟରଞ୍ଜନ ରାଉତ ପ୍ରମୁଖ ଉପସ୍ଥିତ ରହି ଲୋକଙ୍କୁ ବୁଝାସୁଝା କରିଥିଲେ।

ପ୍ରକାଶଥାଉକି ଗତ ଗୁରୁବାର ଏକ ଟ୍ରେଲର ଧକ୍କାରେ ଝୁମ୍ପୁରା ଥାନା ଅଧୀନ ବାଲିବନ୍ଧ ପଞ୍ଚାୟତ ଶିରିଆବାହାଳ ଗ୍ରାମର ସ୍ୱର୍ଗତ ରଇଦାସ ମାଝୀଙ୍କ ପୁଅ ପତିରଞ୍ଜନ ମାଝୀ (୨୦) ଓ ଝିଅ ପୂଜା ମାଝୀ (୧୫)ଙ୍କ ମୃତ୍ୟୁ ହୋଇଥିବା ବେଳେ ବାରିଆ ଥାନା ଅଞ୍ଚଳ ବଳା ଗ୍ରାମର ଲାଲମୋହନ ମାଝୀଙ୍କ ଝିଅ ଲିପି ମାଝୀ ଗୁରୁତର ଆହତ ହୋଇଥିଲେ।

● କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ

## ଡିଆର୍‌ଆଇ କାରାଖେଣ୍ଡାରା ଚାମ୍ପିଅନ

ଯୋଡ଼ା, ୧୮।୧(ସମିସ): ରୁଙ୍ଗଟା ମାଇନ୍ସ ଲିମିଟେଡ ପ୍ଲାଣ୍ଟ ଡିଭିଜନ ଅନୁକୂଲ୍ୟାରେ ବଡ଼ବିଲ ସ୍ଥିତ ସ୍ଥାନୀୟ ଖେଳପଡ଼ିଆରେ ୧୬ ଓ ୧୭ ଦୁଇଦିନ ଧରି ଚାଲିଥିବା କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। କାରାକୋଲ୍‌ହା, କାରାଖେଣ୍ଡରା ଓ ବଡ଼ବିଲ ଅଫିସର କର୍ମଚାରୀଙ୍କ ତରଫରୁ ଆଠ ଗୋଟି ଦଳ ଏହି ଟୁର୍ଣ୍ଣାମେଣ୍ଟରେ ଅଂଶଗ୍ରହଣ କରିଥିଲେ। ପ୍ରତିଯୋଗିତାର ସମସ୍ତ ଲିଗ୍ ମ୍ୟାଚରେ ଭଲ ପ୍ରଦର୍ଶନ କରି ସିପିପି କାରାକୋଲ୍‌ହା ଏବଂ ଡିଆରଆଇ କାରାଖେଣ୍ଡାରା ଫାଇନାଲରେ ଖେଳିବା ପାଇଁ ଉତ୍ତୀର୍ଣ୍ଣ ହୋଇଥିଲେ। ଶେଷରେ ଡିଆରଆଇ କାରାଖେଣ୍ଡାରା ଦଳ ଚାମ୍ପିଅନ ହୋଇଥିବା ବେଳେ ସିପିପି କାରାକୋଲ୍‌ହା ଦଳ ରନର୍ସଅପ ହୋଇଥିଲେ। ଏହି ଟୁର୍ଣ୍ଣାମେଣ୍ଟକୁ ସୂଚାରୁରୂପେ ପରିଚାଳନା କରିବା ପାଇଁ କାରାକୋଲ୍‌ହା ଓ କାରାଖେଣ୍ଡାରା ଷ୍ଟିଲ ପ୍ଲାଣ୍ଟର ମହାପ୍ରବନ୍ଧକ ସୁରେଶ କୁମାର ମହାପାତ୍ର, ପ୍ରବନ୍ଧକ ଶୈଳେନ୍ଦ୍ର କୁମାର ବାରିକ, ପ୍ରବନ୍ଧକ କଲ୍ୟାଣ କମଳ ଭୂୟାଁ, ତୁଷାର ସାହୁ, କୁନାଲ ଜେନା, ରାଜେଶ କନର, ସୋମେଶ ଦାସ ତଥା କାରଖାନାର ପ୍ରବନ୍ଧକ ସୁମିତ ଚାନ୍ଦ, ସରୋଜ ମହାପାତ୍ର ଏବଂ ସମାଜସେବୀ ଲଛମନ ମହାନ୍ତଙ୍କ ସହଯୋଗରେ ଖେଳ ପରିଚାଳନା କରାଯାଇଥିଲା। ଏହି ଟୁର୍ଣ୍ଣାମେଣ୍ଟର ଉଦ୍‌ଯାପନୀ ଦିବସରେ ମହାପ୍ରବନ୍ଧକ ସୁରେଶ କୁମାର ମହାପାତ୍ର, ମାନବ ସମ୍ବଳ ମହାପ୍ରବନ୍ଧକ ଆନନ୍ଦ ଚରଣ ସାହୁ, ଶୈଳେନ୍ଦ୍ର କୁମାର ବାରିକ, କେସି ପାତ୍ର, ସୌଭିକ ଭଟ୍ଟାଚାର୍ଯ୍ୟ, ଅଜିତ ପ୍ରଧାନ, ଭିଏନ ଝା, ବିନୟ ଠାକୁର, ଏସ୍. ସୁନ୍ଦରମନ ଏବଂ ସମାଜସେବୀ ଲଛମନ ମହାନ୍ତ ପ୍ରମୁଖ ବ୍ୟକ୍ତି ବିଶେଷଙ୍କ ଉପସ୍ଥିତିରେ ବିଜେତା ଦଳକୁ ପୁରସ୍କୃତ କରାଯାଇଥିଲା। ରୁଙ୍ଗଟା ମାଇନ୍ସ ଲିମିଟେଡ଼ ପ୍ଲାଣ୍ଟ ଡିଭିଜନ ନିର୍ଦ୍ଦେଶକ ପ୍ରଣୟ କୁମାର ଦେଓଙ୍କ ତତ୍ତ୍ୱାବଧାନରେ ଏହି କ୍ରିକେଟ ଟୁର୍ଣ୍ଣାମେଣ୍ଟ ପରିଚାଳନା କରାଯାଇଥିଲା।



## ଜମ୍ବିରାରେ ବାଘ ଆତଙ୍କ ଗୁଜବ

ହାଟଡିହୀ, ୧୮।୧(ସମିସ): ହାଟଡିହୀ ବ୍ଲକ ସଡ଼ା ଜମ୍ବିରା ପଞ୍ଚାୟତରେ ବାଘ ଆତଙ୍କ ଦେଖାଦେଇଛି। ଆଜି ସନ୍ଧ୍ୟା ସାଢ଼େ ୬ଟାରେ ଜମ୍ବୀରା ଗ୍ରାମର ଲକ୍ଷ୍ମୀଧର ମହାଲିକଙ୍କ ବାଉଁଶ ବୁଦା ନିକଟରେ ୩ଟି ବାଘ ବୁଲୁଥିବା ପରିବାର ଲୋକେ ଦେଖି ପାଟି କରିଥିଲେ। ପାଟି ଶୁଣି ୨ଟି ବାଘ କେନାଲ ଆଡକୁ ପଳାଇଥିବା ବେଳେ ଗୋଟିଏ ବାଉଁଶ ବୁଦା ମୁଳେ ଗର୍ଜନ କରୁଥିଲା ବୋଲି ପ୍ରତ୍ୟେକ୍ଷଦର୍ଶୀ ଲକ୍ଷ୍ମୀଧର ମହାଲିକ କହିଛନ୍ତି। ଏ ଖବର ପ୍ରଚାରିତ ହେବାପରେ ସଡା, ଜମ୍ବୀରା, ବରାଙ୍ଗ, ପ୍ରଭୃତି ଗ୍ରାମରେ ଆତଙ୍କ ଖେଳିଯାଇଛି। ଖବର ପାଇ ବନବିଭାଗ କର୍ମଚାରୀ ମାନେ ଘଟଣା ସ୍ଥଳରେ ପହଞ୍ଚି ଗାଁ ଗାଁ ପାଟ୍ରୋଲିଂ କରୁଥିବା ହଦଗଡ଼ ରେଞ୍ଜର ମାର୍ଶାଲ କିସ୍କୁ କହିଛନ୍ତି। ଏ ଅଞ୍ଚଳରେ ବାଘ ନଥିବା ବେଳେ ଏହା ହେଟା ହୋଇଥାଇ ପାରନ୍ତି ବୋଲି ସେ କହିଛନ୍ତି। ଏପରି ଗୁଜବକୁ ବିଶ୍ୱାସ ନ କରିବାକୁ ରେଞ୍ଜର ଶ୍ରୀ କିସ୍କୁ ପରାମର୍ଶ ଦେଇଛନ୍ତି।


एनटीपीसी NTPC

ଏନ ଟି ପି ସି ଲିମିଟେଡ

(ଭାରତ ସରକାରଙ୍କ ଉଦ୍ୟମ)

ନୋଟିସ୍

ପଞ୍ଜିକୃତ କାର୍ଯ୍ୟାଳୟ ଠିକଣା: ଏନଟିପିସି ଭବନ, କୋର-୭, ସ୍କୋପ କମ୍ପ୍ଲେକ୍ସ, ୭-ଇନ୍‌ଷ୍ଟିଚ୍ୟୁସନାଲ ଏରିଆ, ଲୋଧି ରୋଡ, ନୂଆ ଦିଲ୍ଲୀ - ୧୧୦୦୦୩
କରପୋରେଟ୍ ପରିଚୟ ନଂ- L40101DL1975GOI007966

ଉପରୋକ୍ତ ନାମିତ ଆବେଦନକାରୀ ତା.୦୧.୦୪.୨୦୨୪ରୁ ୩୧.୦୩.୨୦୨୯ ପର୍ଯ୍ୟନ୍ତ କହଲଗାଁ ସୁପର ଥର୍ମାଲ ପାୱାର ଷ୍ଟେସନ, ଷ୍ଟେଜ- ୨ (୧୫୦୦ ମେଗାୱାଟ୍)ର ଟାରିଫ ନିର୍ଦ୍ଧାରଣ ପାଇଁ କେନ୍ଦ୍ରୀୟ ବିଦ୍ୟୁତ ନିୟାମକ ଆୟୋଗ (ସିଇଆରସି), ନୂଆ ଦିଲ୍ଲୀଙ୍କ ସମ୍ମୁଖରେ ଆବେଦନ କରିଅଛନ୍ତି।

୧. ଉତ୍ପାଦକ ଷ୍ଟେସନର ଲାଭାର୍ଥୀ:

କ) ଗ୍ରିଡ୍‌କୋ ଲିମିଟେଡ୍, ୨୪, ଜନପଥ, ଭୁବନେଶ୍ୱର - ୭୫୧୦୦୭
ଖ) ଗୁଜରାଟ ଉର୍ଜା ବିକାଶ ନିଗମ ଲିମିଟେଡ୍, ସରଦାର ପଟେଲ ବିଦ୍ୟୁତ ଭବନ, ରେସ୍ କୋର୍ସ, ବଡୋଦା - ୩୯୦୦୦୭
ଗ) ମଧ୍ୟପ୍ରଦେଶ ପାୱାର ମ୍ୟାନେଜମେଣ୍ଟ କମ୍ପାନୀ ଲିମିଟେଡ୍, ଶକ୍ତି ଭବନ, ବିଦ୍ୟୁତନଗର, ଜବଲପୁର - ୪୮୨୦୦୮
ଘ) ମହାରାଷ୍ଟ୍ର ରାଜ୍ୟ ବିଦ୍ୟୁତ ବିତରଣ କମ୍ପାନୀ ଲିମିଟେଡ୍, 'ପ୍ରକାଶଗଡ଼', ବାନ୍ଦ୍ରା (ପୂର୍ବ), ମୁମ୍ବାଇ - ୪୦୦୦୫୧
ଙ) ଛତିଶଗଡ଼ ରାଜ୍ୟ ବିଦ୍ୟୁତ ବ୍ୟବସାୟ କମ୍ପାନୀ ଲିମିଟେଡ୍, ପୋ. ସୁନ୍ଦରନଗର, ଡଙ୍ଗନିଆ, ରାଏପୁର - ୪୯୨୦୧୩
ଚ) ଦାଦରା ଏବଂ ନଗର ହାଭେଲି ଏବଂ ଦମନ୍ ଏବଂ ଦିଉ ପାୱାର ବିତରଣ ନିଗମ ଲିମିଟେଡ୍, ୧ମ ଏବଂ ୨ୟ ତଳ, ବିଦ୍ୟୁତ ଭବନ, ସିଲ୍‌ଭାସା - ୩୯୬୨୩୦, ଡିଏନ୍‌ଏଚ୍, ଭାରତ
ଛ) ଉତ୍ତର ପ୍ରଦେଶ ପାୱାର କର୍ପୋରେସନ ଲିମିଟେଡ୍, ଶକ୍ତି ଭବନ, ୧୪, ଅଶୋକ ମାର୍ଗ, ଲକ୍ଷ୍ନୌ - ୨୨୬୦୦୧
ଜ) ଉତ୍ତରାଖଣ୍ଡ ପାୱାର କର୍ପୋରେସନ ଲିମିଟେଡ୍, ଉର୍ଜା ଭବନ, କାନ୍ୱାଲୀ ରୋଡ୍, ଦେହରାଦୁନ - ୨୪୮୦୦୧
ଝ) ଜୟପୁର ବିଦ୍ୟୁତ ବିତ୍ରଣ ନିଗମ୍ ଲିମିଟେଡ୍, ବିଦ୍ୟୁତ ଭବନ, ଜନପଥ, ଜୟପୁର - ୩୦୨୦୦୫
ଞ) ଅଜମେର ବିଦ୍ୟୁତ ବିତ୍ରଣ ନିଗମ୍ ଲିମିଟେଡ୍, ପୁରୁଣା ପାୱାର ହାଉସ୍, ହାଥୀ ଭଟା, ଜୟପୁର ରୋଡ୍, ଅଜମେର
ଟ) ଯୋଧପୁର ବିଦ୍ୟୁତ ବିତ୍ରଣ ନିଗମ୍ ଲିମିଟେଡ୍, ନୂତନ ପାୱାର ହାଉସ୍ ରୋଡ୍, ଇଣ୍ଡଷ୍ଟ୍ରିଆଲ ଏରିଆ, ଯୋଧପୁର
ଠ) ବିଦ୍ୟୁତ ଉନ୍ନତି ବିଭାଗ (ଜେଏଣ୍ଡକେ), ଜମ୍ମୁ ଏବଂ କାଶ୍ମୀର ସରକାର, ସଚିବାଳୟ, ଶ୍ରୀନଗର
ଡ) BSES ରାଜଧାନୀ ପାୱାର ଲିମିଟେଡ୍, BSES ଭବନ, ନେହରୁ ପ୍ଲେସ୍, ନୂଆଦିଲ୍ଲୀ - ୧୧୦୦୧୯
ଢ) BSES ଯମୁନା ପାୱାର ଲିମିଟେଡ୍, ଶକ୍ତି କିରଣ ଭବନ, କାର୍କରଡୁମା, ଦିଲ୍ଲୀ
ଣ) ଟାଟା ପାୱାର ଦିଲ୍ଲୀ ବିତ୍ରଣ ଲିମିଟେଡ୍, NDPL ହାଉସ୍, ହଡସନ ଲେନ, କିଙ୍ଗସ୍‌ୱେ କ୍ୟାମ୍ପ, ନୂଆଦିଲ୍ଲୀ - ୧୧୦୦୦୯
ତ) ହରିୟାଣା ପାୱାର ପର୍ଚେଜ୍ ସେଣ୍ଟର୍ ଲିମିଟେଡ୍, ଶକ୍ତି ଭବନ, ସେକ୍ଟର-୬, ପଞ୍ଚକୁଲା, ହରିୟାଣା - ୧୩୪୧୦୯
ଥ) ପଞ୍ଜାବ ରାଜ୍ୟ ବିଦ୍ୟୁତ ବୋର୍ଡ, ଦି ମଲ୍, ପଟିଆଲା - ୧୪୭୦୦୧
ଦ) ହିମାଚଳ ପ୍ରଦେଶ ରାଜ୍ୟ ବିଦ୍ୟୁତ ବୋର୍ଡ, ବିଦ୍ୟୁତ ଭବନ, ଶିମଲା - ୧୭୧୦୦୪
ଧ) ବିଦ୍ୟୁତ ବିଭାଗ, କେନ୍ଦ୍ରପାଳିତ ଚଣ୍ଡିଗଡ଼, ଅତିରିକ୍ତ କାର୍ଯ୍ୟାଳୟ ଭବନ, ସେକ୍ଟର-୯ଡି, ଚଣ୍ଡିଗଡ଼

୨. ଉତ୍ପାଦନ କେନ୍ଦ୍ରର କ୍ଷମତା: 1500 ମେଗାୱାଟ୍
୩. ପ୍ରକଳ୍ପର ଅନୁମୋଦିତ ମୂଳଧନ ଖର୍ଚ୍ଚ: ₹5690.56 କୋଟି
୪. ମୂଳଧନ ଖର୍ଚ୍ଚ ଅନୁମୋଦନ କରିଥିବା କର୍ତ୍ତୃପକ୍ଷ: CERC
୫. ବାଣିଜ୍ୟିକ ସଞ୍ଚାଳନର ନିର୍ଦ୍ଧାରିତ ତାରିଖ: ଅପ୍ରାସଙ୍ଗିକ
୬. କେନ୍ଦ୍ରର ବାଣିଜ୍ୟିକ ସଞ୍ଚାଳନର ପ୍ରକୃତ ତାରିଖ: 20.03.2010
୭. ବାଣିଜ୍ୟିକ ସଞ୍ଚାଳନର ତାରିଖରେ ମୂଳଧନ ଖର୍ଚ୍ଚ: ଅପ୍ରାସଙ୍ଗିକ
୮. ଶୁଳ୍କ ବିବରଣୀ:

| ବିବରଣୀ | ପୂର୍ବ ବର୍ଷ ପାଇଁ ଟାରିଫ | ବର୍ଷ ଅନୁଯାୟୀ ଟାରିଫ ନିର୍ଦ୍ଧାରଣ କରାଯାଉଅଛି | | | | |
|---|---|---|---|---|---|---|
| | | 2024-25 | 2025-26 | 2026-27 | 2027-28 | 2028-29 |
| ୧. କ୍ଷମତା ପ୍ରଭାର (ଟ.ଲକ୍ଷ/ବର୍ଷ) | 121044.67 | 118927.30 | 121832.60 | 126102.67 | 134243.94 | 142463.25 |
| ୨. ଉର୍ଜା ପ୍ରଭାର (ଟ./ ପ୍ରତି ୟୁନିଟ୍) | 3.705 | 3.026 | | | | |

ମାନନୀୟ ସିଇଆରସିଙ୍କ ସମ୍ମୁଖରେ ଦାଖଲ କହଲଗାଁ ସୁପର ଥର୍ମାଲ ପାୱାର ଷ୍ଟେସନ, ଷ୍ଟେଜ- ୨ (୧୫୦୦ ମେଗାୱାଟ୍) ପାଇଁ ୨୦୧୯-୨୪ ଅବଧି ହେତୁ ଟାରିଫର ଟ୍ରୁ-ଅପ ନିମନ୍ତେ ଦାୟର ଯାଚିକା ଅନୁଯାୟୀ।
୯. ଟାରିଫର ନିର୍ଦ୍ଧାରଣ ହେତୁ ଦାଖଲ ଆବେଦନର ଏକ କପି ଏନଟିପିସିର ୱେବସାଇଟ www.ntpc.co.in ରେ ଟ୍ୟାବ 'ନୋଟିସ୍'ର ଅନ୍ତର୍ଗତ ପ୍ରକାଶିତ ହୋଇଅଛି।
୧୦. ପିଟିସନର ଅନ୍ତର୍ଗତ ଟାରିଫ ନିର୍ଦ୍ଧାରଣ ହେତୁ ପ୍ରସ୍ତାବରେ ଲାଭାର୍ଥୀ ସହିତ କୌଣସି ବ୍ୟକ୍ତି ଦ୍ୱାରା ପ୍ରସ୍ତାବ କିମ୍ବା ଅଭିଯୋଗ, ଯଦି ଥାଏ ତେବେ ସେହି ନୋଟିସ୍ ପ୍ରକାଶନର ୩୦ ଦିନ ଭିତରେ ଯାଚିକାକର୍ତ୍ତାଙ୍କୁ ଏହାର ଏକ ନକଲ ସହିତ ଆୟୋଗର ଇ-ଫାଇଲିଙ୍ଗ ପୋର୍ଟାଲ ମାଧ୍ୟମରେ ପ୍ରସ୍ତୁତ କରାଯାଇପାରିବ।

ସ୍ଥାନ: ନୋଏଡା (ଉ.ପ୍ର.) (ପ୍ରଶାନ୍ତ ଚତୁର୍ବେଦୀ)
ତାରିଖ: ୦୩.୧୧.୨୦୨୪ ଅତିରିକ୍ତ ମହାପ୍ରବନ୍ଧକ (ବାଣିଜ୍ୟିକ)

ବିଦ୍ୟୁତ କ୍ଷେତ୍ରରେ ଅଗ୍ରଣୀ


**୨୫ ଲକ୍ଷର ମୋବାଇଲ ଚୋରିକୁ ମାସେ ବିତିଲା**

# ମୋବାଇଲ ସଚଳ ପରେ ବି ପୁଲିସ ହାତ ଖାଲି

ଚମ୍ପୁଆ, ୧୮।୧୨(ସମିସ)

ଚମ୍ପୁଆ ସଦର ମହକୁମାରେ ଥାନା ଠାରୁ ମାତ୍ର ୨୦୦ ମିଟର ଦୂରରେ ଥିବା ମୁଖ୍ୟ ବଜାରର ଉପର ମହଲାରେ ରାଜ୍ ଏଣ୍ଡ ରାଜ ମୋବାଇଲ ଦୋକାନରେ ଗତ ଏକମାସ ତଳେ ଚୋରି ହୋଇଥିବା ଘଟଣାକୁ ମାସେ ବିତିଲା। ତଥାପି ଚମ୍ପୁଆ ପୁଲିସ ଚୋର ଧରିବାରେ ବିଫଳ ହୋଇଛି। ଚୋର ମାନେ କଳାକନା ବୁଲାଇଦେବା ସହିତ ପ୍ରାୟ ୨୫ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କାର ମୋବାଇଲ ଓ ମୋବାଇଲ ସରଞ୍ଜାମ ଚୋରି କରିନେଇଥିବା ବେଳେ ଚୋର ଓ ଚୋରି ସାମଗ୍ରୀର ପୁଲିସ ଟେର ପାଉନଥିବା ସୂଚନା ମିଳୁଛି। ଏପଟେ ଦିନକୁ ଦିନ ବଜାରରେ ଚୋରି, ଲୁଟ୍ ଆଦି ଆଇନ୍ ଶୃଙ୍ଖଳା ବୃଦ୍ଧି ପାଉଥିଲେ ହେଁ ଏଥିପ୍ରତି ଚମ୍ପୁଆ ପୁଲିସର ପାରିବା ପଣିଆକୁ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହେଉଛି। ଚମ୍ପୁଆ ପୁଲିସ କେସ ନମ୍ବର ୩୧୮/୨୪ ରୁଜୁ କରି ସାଇଣ୍ଟିଫିକ୍ ଟିମର ସହାୟତା ସହିତ ବିଭିନ୍ନ ସିସିଟିଭି ଫୁଟେଜକୁ ତର୍ଜମା କରି ତଦନ୍ତ ଚଳାଇଥିଲେ ହେଁ ଆଜି ପର୍ଯ୍ୟନ୍ତ ଚୋର କିମ୍ବା ଚୋରି ସାମଗ୍ରୀ ଜବତ କରିବାରେ ବିଫଳ ହୋଇଛନ୍ତି।

ସୂଚନା ଅନୁସାରେ ଦିଲ୍ଲିପ କୁମାର ରାଜଙ୍କ ମୋବାଇଲ ଦୋକାନରେ ଗତ ୧୨ ତାରିଖରେ ଦୁର୍ବୃତ୍ତମାନେ ସଟର କାଟି ମୋବାଇଲ୍ ଚୋରି କରି ନେଇଥିଲେ। ସକାଳେ ଏହା ଦେଖି ଦିଲ୍ଲିପ ପୁଲିସ୍‌କୁ ଖବର ଦେଇଥିଲେ। ଥାକରେ ଥିବା ମୋବାଇଲ ଓ ଆସୋସେରିଜ୍ ଗୁଡିକ ଚୋରି ହୋଇଥିବା ବେଳେ ତାର ଖୋଳଗୁଡିକ ବାହାରେ ସିଡିରେ ପଡ଼ି ରହିଥିଲା। ଏଥିରେ ପ୍ରାୟ ୧୪୯ ଗୋଟି ସ୍ମାର୍ଟ ମୋବାଇଲ; ଯାହାର ଅନୁମାନ ମୂଲ୍ୟ ୨୫ ଲକ୍ଷରୁ ଉର୍ଦ୍ଧ୍ୱ ହେବ ତାହା ଦୁର୍ବୃତ୍ତମାନେ ଚୋରି କରିନେଇଥିଲେ।

**● ବିଦେଶକୁ ପଳେଇଥିବା କହି ପୁଲିସ ଚୁପ୍**

ଏପରିକି ଚୋର ମାନେ ଦୋକାନରେ ଲାଗିଥିବା ସିସିଟିଭି କ୍ୟାମେରା ଉପରେ ପଲିଥିନ ଘୋଡାଇ ଚୋରି କରିବା ସହିତ ଦୋକାନ ଭିତରେ ଥିବା ହାର୍ଡଡିସ୍କ ମଧ୍ୟ ନେଇଯାଇଥିଲେ। ଖବର ପାଇ ଚମ୍ପୁଆ ଏସ୍‌ଡିପିଓ ବିଜୟ ମଲ୍ଲିକ, ଚମ୍ପୁଆ ଆଇଆଇସି ଅଭିନାଶ ପରିଡ଼ା, ବାରିଆ ଥାନାଧିକାରୀ ଦେବକୀ ନାଏକ, ଭଜମନ ରାଜ ସାହୁ ପ୍ରମୁଖ ପୁଲିସ ଅଧିକାରୀମାନେ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଥିଲେ ମଧ୍ୟ ଏ ପର୍ଯ୍ୟନ୍ତ ଚୋରି ସାମଗ୍ରୀକୁ ଉଦ୍ଧାର କରିବାକୁ ସକ୍ଷମ ହୋଇପାରିନାହାନ୍ତି। ଏଭଳି ମୋବାଇଲ କମ୍ପାନୀ ସୂଚନା ଅନୁସାରେ ୫୦ରୁ ଉର୍ଦ୍ଧ୍ୱ ମୋବାଇଲ ଆକଟିଭସେନ (ସଚଳ) ହୋଇସାରିଲାଣି। ମାତ୍ର ପୁଲିସର କହିବା ଅନୁସାରେ ଆକଟିଭେସନ ନେଇ କୌଣସି ଡାଟା ମିଳିପାରୁନାହିଁ ଏବଂ ବିଦେଶକୁ ପଳେଇଥିବା ଅନୁମାନ କରୁଛି କହି ହାତ ବାନ୍ଧି ବସିଛି। ମାତ୍ର ମୋବାଇଲ ଦୋକାନି ମୋବାଇଲ ଆକିଟିଭେସନର ତଥ୍ୟ ଦେଲା ପରେ ପୁଲିସ ନାଚାର। ଏ ଦିଗରେ ପୁଲିସ ବିଭାଗ କେବେ କାର୍ଯ୍ୟାନୁଷ୍ଠାନ ନେବେ ତାହା ଦେଖିବାକୁ ବାକି ରହିଲା।

**ବିଶ୍ୱବିଦ୍ୟାଳୟ ତଳେ ଚାପି ହୋଇଯିବ 'ମହାବିଦ୍ୟାଳୟ'**

# ଉଠିଯିବ ଯୁକ୍ତ ଦୁଇ; ୟୁନିଭର୍ସିଟିରେ ମିଶିଯିବ ଯୁକ୍ତ ତିନି

କେନ୍ଦୁଝର, ୧୮ା୧(ସମିସ):

ବିଶ୍ୱବିଦ୍ୟାଳୟ ତଳେ ଚାପି ହୋଇଯିବକି ଧରଣୀଧର ସ୍ୱୟଂଶାସିତ ମହାବିଦ୍ୟାଳୟ। ଆଦିବାସୀ ବହୁଳ ଜିଲ୍ଲାର ଗର୍ବଗୌରବ ଡିଡି କଲେଜ ହରାଇବ କି ଅସ୍ତିତ୍ୱ ବୋଲି ସାଧାରଣରେ ଆଲୋଚନା ହେଲାଣି।

କେନ୍ଦୁଝର ଜିଲ୍ଲା ଏକ ଆଦିବାସୀ ବହୁଳ ଜିଲ୍ଲା। ଜିଲ୍ଲାରେ ଅନେକ ଗୁଡିଏ ଉଚ୍ଚ ବିଦ୍ୟାଳୟ ଥିଲେ ମଧ୍ୟ ହାତଗଣତି ମହାବିଦ୍ୟାଳୟ ଥିଲା। ସେଥିମଧ୍ୟରୁ ଜିଲ୍ଲାର ଡିଡି କଲେଜର ସ୍ୱତନ୍ତ୍ର ପରିଚୟ ରହିଛି। ଡିଡି କଲେଜରେ ପାଠ ପଢ଼ିବାକୁ ଜିଲ୍ଲା ତଥା ଜିଲ୍ଲା ବାହାରର ଛାତ୍ରଛାତ୍ରୀଙ୍କର ଆଗ୍ରହ ଅନେକଥାଏ। ଏହି ମହାବିଦ୍ୟାଳୟରୁ ପାଠପଢ଼ି ଅନେକ ପୂର୍ବତନ ଛାତ୍ର ବହୁ ବିଶିଷ୍ଟ ପଦପଦବୀରେ ଦେଶ ବିଦେଶରେ ସୁନାମ ଅର୍ଜନ କରି ଡିଡି କଲେଜର ସୁନାମ ବଜାୟ ରଖିଛନ୍ତି। କିନ୍ତୁ ଏବେ ଡିଡି କଲେଜ ତାର ଅସ୍ତିତ୍ୱକୁ ନେଇ ସଂଘର୍ଷ କରୁଛି। ବିଶ୍ୱବିଦ୍ୟାଳୟ ତଳେ ଡିଡି କଲେଜର ଭାଗ୍ୟ ଦବିଯାଇଛି। ଏଣୁ ଡିଡି କଲେଜର ଅସ୍ତିତ୍ୱକୁ ନେଇ ଏବେ ପ୍ରଶ୍ନ ଉଠିଲାଣି। ୧୯୬୧ ମସିହାରେ ପ୍ରଥମେ ଏହି ମହାବିଦ୍ୟାଳୟ ସିରାଯୁଦ୍ଦିନଙ୍କ ଆର୍ଥିକ ସାହାଯତରେ କେନ୍ଦୁଝର ସାଇନ୍ସ କଲେଜ ଭାବେ ଗଢ଼ି ଉଠିଥିଲା। କାଳକ୍ରମେ ଅନ୍ୟାନ୍ୟ ବିଭାଗରେ ପାଠପଢ଼ା ଆରମ୍ଭ ହେଲା। ପରେ ମହାନ ବିପ୍ଳବୀ ଧରଣୀ ଭୂୟାଁଙ୍କ

## ● ସତ୍ତା ହରାଇବ ସ୍ୱୟଂଶାସିତ ମାନ୍ୟତା

ନାମରେ ଏହି ମହାବିଦ୍ୟାଳୟ ନାମକୁ ନାମିତ କରାଗଲା। ପୁଣି ବହୁ ଆନ୍ଦୋଳନ ପରେ ଡିଡି କଲେଜକୁ ସ୍ୱୟଂଶାଶିତ ମହାବିଦ୍ୟାଳୟର ମାନ୍ୟତା ମିଳିଲା। ଏହା ବାରିପଦା ସ୍ଥିତ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟ ଅଧୀନରେ ଥିଲା। ଇତିମଧ୍ୟରେ ୨୦୨୩ ଫେବୃଆରୀ ୧୧ ତାରିଖରେ ଧରଣୀଧର ସ୍ୱୟଂଶାସିତ ମହାବିଦ୍ୟାଳୟକୁ ବିଶ୍ୱବିଦ୍ୟାଳୟର ମାନ୍ୟତା ଦିଆଗଲା। ହେଲେ ଏଠି ୨୦୨୦ ଶିକ୍ଷାନୀତିକୁ ବେଖାତିର କରି ବିଶ୍ୱବିଦ୍ୟାଳୟକୁ କଲେଜ ସାଙ୍ଗରେ ମିଶାଇବାକୁ ମସୁଧା ଚାଲିଛି ବୋଲି ଅଭିଯୋଗ ହୁଏ। ଏହି ଶିକ୍ଷାନୀତି ଅନୁସାରେ କୌଣସି ପୁରୁଣା ଶିକ୍ଷାନୁଷ୍ଠାନକୁ ଭାଙ୍ଗି ତା' ଉପରେ କୌଣସି ନୂତନ ଶିକ୍ଷାନୁଷ୍ଠାନ ତିଆରି ହୋଇ ପାରିବ ନାହିଁ। ଯାହା ହେବ ନୂଆ ହେବ। ହେଲେ ଏହା ଫଳରେ ଯୁକ୍ତ ୨ ସମ୍ପୂର୍ଣ୍ଣ ବନ୍ଦ ହେବାକୁ ଥିବା ବେଳେ ଯୁକ୍ତ ୩ ବିଶ୍ୱବିଦ୍ୟାଳୟ ସହ ମିଶି ଯିବ। ଫଳରେ ଛାତ୍ରଛାତ୍ରୀ ଶିକ୍ଷାରୁ ବଞ୍ଚିତ ହେବା ସହ ଆର୍ଥିକ ବୋଝ ମଧ୍ୟ ସହିବେ। ଧରଣୀଧର ମହାବିଦ୍ୟାଳୟ ଧରଣୀଧର ବିଶ୍ୱବିଦ୍ୟାଳୟରେ ପରିଣତ ହେବା ପରେ ଧରଣୀଧର ମହାବିଦ୍ୟାଳୟ ଅଧୀନରେ ଥିବା ଡିଡି ହାୟର ସେକେଣ୍ଡାରୀ ସ୍କୁଲ ବା ଯୁକ୍ତ ଦୁଇ କଲେଜର ଭାଗ୍ୟ ଭବିଷ୍ୟତ କଥା ଚିନ୍ତା କରାଯାଉନଥିବାରୁ ଡିଡି ବିଶ୍ୱବିଦ୍ୟାଳୟ ହେବାପରେ ଯୁକ୍ତ ଦୁଇ ବିଭାଗ ଯିବ କୁଆଡେ ତାକୁନେଇ ପ୍ରଶ୍ନ ଉଠିଲାଣି।

ଏହି ପରିସରରେ ଯୁକ୍ତ ଦୁଇ ଡିଡି କଲେଜ ପାଇଁ ଜମିର ମଧ୍ୟ ସେଭଳି ଅଭାବ ହେବ ନାହିଁ। କିନ୍ତୁ ବିଶ୍ୱବିଦ୍ୟାଳୟ ଉଚ୍ଚଶିକ୍ଷା ବିଭାଗ ଓ ୟୁଜିସି ଅଧୀନରେ ପରିଚାଳିତ ହୋଇଥାଏ। ଯୁକ୍ତ ଦୁଇ ବିଭାଗ ଗଣଶିକ୍ଷା ବିଭାଗ ଅଧୀନରେ ପରିଚାଳିତ ହୁଏ। ଉଭୟଙ୍କର ବିଧି ବ୍ୟବସ୍ଥା ପରିଚାଳନା ବ୍ୟବସ୍ଥା ଅଲଗା ଅଲଗା। ଡିଡି ଯୁକ୍ତଦୁଇ କଲେଜ ଅନ୍ୟତ୍ର ହେବା କଥାକୁ ମଧ୍ୟ ଜିଲ୍ଲାବାସୀ ସହଜରେ ଗ୍ରହଣ କରିନପାରନ୍ତି। କାରଣ ପିଲାମାନଙ୍କର ଭାବାବେଗ ସହିତ ଏହା ଜଡ଼ିତ। ଏଣୁ ସମସ୍ତଙ୍କ ଦାବି ଗୋଟିଏ କ୍ୟାମ୍ପସରେ ସବୁ ରହୁ ଓ ସମସ୍ତଙ୍କର ଅଲଗା ଅଲଗା ପରିଚାଳନା ବ୍ୟବସ୍ଥା ହେଉ। କେନ୍ଦୁଝର ବାସୀଙ୍କ ଭାବାବେଗ ସହିତ ଜଡିତ ଥିବା ଏହି କଲେଜ ଦ୍ୱୟ ରହିବ ନା ବିଶ୍ୱବିଦ୍ୟାଳୟ ତଳେ ଚାପି ହୋଇ ଜିଲ୍ଲାବାସୀଙ୍କ ପାଇଁ ଅଭିଶାପରେ ପରିଣତ ହେବ ତାକୁ ନେଇ ଭିନ୍ନ ମହଲରେ ଭିନ୍ନ ଆଲୋଚନା ହେଉଛି।

## ନୂତନ ତହସିଲଦାରଙ୍କ ଯୋଗଦାନ



ଆନନ୍ଦପୁର, ୧୮ା୧(ସମିସ): କେନ୍ଦୁଝର ଜିଲ୍ଲା ଘସିପୁରା ତହସିଲରେ ନୂତନ ତହସିଲଦାର ଭାବେ ପ୍ରଫୁଲ୍ଲ କୁମାର ଛୁରା ଯୋଗ ଦେଇଥିବା ଜଣାଯାଇଛି। ପୂର୍ବରୁ ଏଠାରେ ଥିବା ତହସିଲଦାର ନୀଳକଣ୍ଠ ବେହେରାଙ୍କ ମାଲାକାନାଗିରି ବଦଳି ହୋଇଯାଇଥିବା ବେଳେ ଶ୍ରୀ ବେହେରା ପ୍ରଫୁଲ୍ଲ କୁମାର ଛୁରାଙ୍କୁ ଦାୟିତ୍ୱ ହସ୍ତାନ୍ତର କରିଥିବା ଜଣାପଡ଼ିଛି। ନୂତନ ତହସିଲଦାର ଶ୍ରୀ ଛୁରା ପୂର୍ବରୁ ଜଗତସିଂହପୁରରେ ଏକ ବର୍ଷ ଟ୍ରେନିଂ ଅଫିସର ଭାବେ ଯୋଗଦାନ କରିଥିବା ବେଳେ ରାଜ୍ୟ ସରକାରଙ୍କ ଆଦେଶ କ୍ରମେ ଘସିପୁରାର ତହସିଲଦାର ଭାବେ ଯୋଗ ଦେବା ପରେ କେନ୍ଦୁଝର ଜିଲ୍ଲାପାଳଙ୍କୁ ସାକ୍ଷାତ କରିଥିବା ଜଣାଯାଇଛି।

## ବାଇଦବଜାରେ ରାଘା ପର୍ବ

ତୁରୁମୁଙ୍ଗା, ୧୮ା୧(ସମିସ): କେନ୍ଦୁଝର ଜିଲ୍ଲା ପାଟଣା ବ୍ଲକ ବାଇଦ ବାଜା ଗ୍ରାମରେ ମକର ମହୋତ୍ସବ ହେସା ରାଘା ମାର୍ଶାଲ ଯୁବକ ସଂଘ ପକ୍ଷରୁ ଅନୁଷ୍ଠିତ ହୋଇଛି। ପୂର୍ବତନ ପାଟଣା ମଣ୍ଡଳ ବିଜେପି ସଭାପତି ରମେଶ ଚନ୍ଦ୍ର ମହାନ୍ତଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ଭାବରେ ବିଧାୟକ ଅଖିଳ ଚନ୍ଦ୍ର ନାଏକ, ସମ୍ମାନିତ ଅତିଥି ଭାବେ କରଞ୍ଜିଆ ବିଧାୟକ ପଦ୍ମଚରଣ ହାଇବୁରୁ, ମୁଖ୍ୟବକ୍ତା ଭାବେ ବିଜେପି ପୂର୍ବତନ ଜିଲ୍ଲା ସଭାପତି ରାଧାକାନ୍ତ ମହାନ୍ତ, ସମ୍ମାନିତ ଅତିଥି ଭାବେ କରଞ୍ଜିଆ ବିଧାୟକ ପଦ୍ମଚରଣ ହାଇବୁରୁ, ବିଜେପି ବରିଷ୍ଠ ନେତା କମଳାକାନ୍ତ ଦାଶ, ଶଶୀଭୁଷଣ ମହାନ୍ତ, ମୋହନ ମହାନ୍ତ, ପ୍ରଫୁଲ୍ଲ ମହାନ୍ତ, ଭରତ ମହାନ୍ତ, ନୀଳ ବାବା, ଯୁବକ ସଂଘ ର ସୁଦର୍ଶନ ଦଙ୍ଗ, ସୁଦର୍ଶନ ଶୁଣ୍ଡି ପ୍ରମୁଖ ଯୋଗ ଦେଇ ହୋ ସମାଜର ମକର ଓ ହେସା ରାଘା ପର୍ବ ଉପରେ ଅଭିଭାଷଣ ଦେଇଥିଲେ। ଏହି ଅବସର ରେ ହୋ ସମାଜ ପାରମ୍ପରିକ ନୃତ୍ୟ ପରିବେଷଣ କରା ଯାଇଥିଲା।

## ସିନ୍ଦୁରଗୌରୀ ତୀର୍ଥରେ ଟୁସୁ ମେଳା



ତୁରୁମୁଙ୍ଗା, ୧୮ା୧(ସମିସ): କେନ୍ଦୁଝର ଜିଲ୍ଲା ପାଟଣା ବ୍ଲକ ଅନ୍ତର୍ଗତ ଅସନବାହାଲି ଗ୍ରାମ ସିନ୍ଦୁରଗୌରୀ ଯୁବକ ସଂଘ ଦ୍ୱାରା ୫ମ ବାର୍ଷିକ ମକର ମହୋତ୍ସବ ସିନ୍ଦୁରଗୌରୀ ତୀର୍ଥ ଠାରେ ଟୁସୁ ମେଳା ଧୁମଧାମରେ ଅନୁଷ୍ଠିତ ହୋଇଯାଇଛି। ଏହି ଟୁସୁ ମେଳାରେ ବିଭିନ୍ନ ସ୍ଥାନରୁ ୬ଟି ଟୁସୁ ମେଢ଼ ଯୋଗ ଦେଇଥିଲେ। ଆୟୋଜିତ ଟୁସୁ ପ୍ରତିଯୋଗିତାରେ ପ୍ରଥମ ସ୍ଥାନ ତାଳପଡ଼ା, ଦ୍ୱିତୀୟ ସ୍ଥାନ ଅସନବାହାଲି, ତୃତୀୟ ସ୍ଥାନ ସରସ୍ୱତୀପଡ଼ା ପୁରସ୍କୃତ ହୋଇଛନ୍ତି। ନିରଞ୍ଜନ ମହାନ୍ତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଡୁମୁରିଆ ସରପଞ୍ଚ ଗୌରହରି ନାଏକ, ମୁଖ୍ୟ ବକ୍ତା ଭାବେ ଅବସରପ୍ରାପ୍ତ ବାୟୁସେନା ଅଧିକାରୀ ଭୁବନ ମହାନ୍ତ, ସମ୍ମାନିତ ଅତିଥି ଭାବେ ମିରିଗିଖୋଜି ସରପଞ୍ଚ ମନମୋହନ ବେହେରା, ସାହାରପଡ଼ା ଫାଣ୍ଡି ଅଧିକାରୀ ଭବାନୀ ଶଙ୍କର ବାଦି, ମିରିଗିଖୋଜି ସମିତି ସଭ୍ୟା ଦ୍ରୌପଦୀ ମହାନ୍ତ ଯୋଗ ଦେଇ ମକର ମହୋତ୍ସବ ଓ ଟୁସୁ ପର୍ବର ମହତ୍ୱ ଉପରେ ଉଦବୋଧନ ଦେଇଥିଲେ। କିଶୋର ଚନ୍ଦ୍ର ମହାନ୍ତ ଓ ଲୋକନାଥ ମହାନ୍ତ କାର୍ଯ୍ୟକ୍ରମ କୁ ସଂଯୋଜନା କରିଥିବା ବେଳେ ଏହି ଟୁସୁ ମେଳାରେ କୁଡୁମୀ ସମ୍ପ୍ରଦାୟର ଯୁବକ ଯୁବତୀ ମାନେ ସୁନ୍ଦର ଝୁମର ନୃତ୍ୟ ପରିବେଷଣ କରି ଥିଲେ।ସଂଘର ସଦସ୍ୟ ଭୁତ ମହାନ୍ତ, ଉମେଶ ମହାନ୍ତ, ରାଜନ ମହାନ୍ତ, ବାବୁଲା ମହାନ୍ତ, ମୋହନ ମହାରଣା, ଲୋକନାଥ ମହାନ୍ତ, ସୁଶାନ୍ତ ମହାନ୍ତ, ବିଜୁ ମୁଣ୍ଡା, ଶୁକ୍ରା ମହାନ୍ତ, ସନ୍ତୋଷ ମହାନ୍ତ, କୁନା ମହାନ୍ତ, ରବୀନ୍ଦ୍ର ମହାନ୍ତ ଗଗନ ମହାନ୍ତ, ଭୁଟି ମହାନ୍ତ, ପ୍ରଦୀପ ମହାନ୍ତ ଙ୍କ ସହିତ ଅନ୍ୟ ସମସ୍ତ ସଦସ୍ୟ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନା କରିବାର ସହଯୋଗ କରିଥିଲେ।

## ଦଧିବାମନଜିଉଙ୍କ ବାର୍ଷିକ ଉତ୍ସବ

ହାଟଡିହି, ୧୮ା୧(ସମିସ): ହାଟଡିହି ବ୍ଲକର ମନ୍ଦିର ମାଳିନୀ ଗାଁ ଭାବେ ପବିତ୍ର ବଞ୍ଚୋ ଠାରେ ମହାପ୍ରଭୁ ଦଧିବାମନଜୀଉଙ୍କ ବାର୍ଷିକ ଉତ୍ସବରେ ସୋହମ ମ୍ୟୁଜିକର ଭଜନ ସନ୍ଧ୍ୟା କାର୍ଯ୍ୟକ୍ରମଟି ଉତ୍ସବଟିକୁ ଦ୍ୱିଗୁଣିତ କରିଥିଲା। ଏଥିରେ କଣ୍ଠଶିଳ୍ପୀ ଅନୁସୟା ନାଥ, ଯଶୋବନ୍ତ ପାଢ଼ୀ, ରଞ୍ଜନ ମୁଦୁଲି, ପ୍ରିୟଦର୍ଶିନୀ ସ୍ୱାଇଁଙ୍କ ସୁମଧୁର କଣ୍ଠରେ କଳା ଯାଦୁଗରୀର ସଙ୍ଗୀତ ଗୁଡ଼ିକ ଦର୍ଶକଙ୍କୁ ବେଶ ଆକୃଷ୍ଟ କରିଥିଲା ବେଳେ ଅନୁଷ୍ଠାନର ବାଦ୍ୟଶିଳ୍ପୀ ଭାବେ ସୁରେଶ କୁମାର ଜେନା, ନିଳେନ୍ଦ୍ର କୁମାର ନାୟକ, ବଂଶୀ ବାଦକ କବିରାଜ ପ୍ରଧାନ, ତବଲା ବାଦକ ନିଲୁ, ନିରାକାର, ବବୁଲ, ଅରୁଣ କୁମାର ଓ ପ୍ରସାଦ ଗୌଡ଼ ପ୍ରମୁଖ କଳାକାରଙ୍କ ପାଇଁ ମଞ୍ଚ ସରଗରମ ହୋଇଥିଲା।

## ନବୋଦୟ ପାଇଁ ଚୟନ ପରୀକ୍ଷା

ହାଟଡିହୀ/ସୋସୋ, ୧୮ା୧(ସମିସ): ହାଟଡିହୀ ବ୍ଲକ ଅନ୍ତର୍ଗତ ହାଟଡିହୀ ଓ ଶାଳଣିଆଁ ହାଇସ୍କୁଲରେ ନବୋଦୟ ବିଦ୍ୟାଳୟ ପାଇଁ ଚୟନ ପରୀକ୍ଷା ହୋଇଯାଇଛି। ହାଟଡିହୀ କେନ୍ଦ୍ରର ଅଧ୍ୟକ୍ଷ ଭାବେ ହାଟଡିହୀ ହାଇସ୍କୁଲର ଭାରପ୍ରାପ୍ତ ପ୍ରଧାନଶିକ୍ଷକ ପରମାନନ୍ଦ ପରିଡ଼ା ପରୀକ୍ଷା ପରିଚାଳନା କରିଥିଲା ବେଳେ ପାଳନକାରୀ ଭାବେ ନବୋଦୟ ବିଦ୍ୟାଳୟର ଶିକ୍ଷକ ନିତ୍ୟାନନ୍ଦ ପାତ୍ର ନିୟୋଜିତ ହୋଇଥିଲେ। ହାଟଡିହୀ କେନ୍ଦ୍ରରେ ମୋଟ୍ ୩୩୬ଜଣ ପିଲାଙ୍କ ନାମ ପଞ୍ଜିକୃତ ହୋଇଥିଲା ବେଳେ ୩୨୨ଜଣ ପରୀକ୍ଷା ଦେଇଥିଲା ବେଳେ ସେଥିରୁ ୧୪ଜଣ ଅନୁପସ୍ଥିତ ଥିଲେ। ପରୀକ୍ଷାରେ ଶିକ୍ଷୟିତ୍ରୀ ଅନିତା ବେହେରା, ଲୀଳାବତୀ ଜେନା, ତୃପ୍ତିମୟୀ ଜେନା, ନିବେଦିତା ସିଂ, ଶିକ୍ଷକ ପ୍ରମୋଦ କୁମାର ବେହେରା, ସାଇସୌମ୍ୟ ରାଉଳ, ଅରୁଣ ଦାଶ, ଗୟାଧର ମଲ୍ଲିକ, ପ୍ରଶାନ୍ତ ବେହେରା ପ୍ରମୁଖ ପର୍ଯ୍ୟବେକ୍ଷକ ଭାବେ ଦାୟିତ୍ୱ ତୁଲାଇଥିଲା ବେଳେ ତାପସ ନାୟକ ସହଯୋଗ କରିଥିଲେ। ସେହିପରି ଶାଳଣିଆଁ କେନ୍ଦ୍ରର ଅଧ୍ୟକ୍ଷ ଭାବେ ରତ୍ନାକର ଦ୍ୱିବେଦୀ ପରୀକ୍ଷା ପରିଚାଳନା କରିଥିଲେ। କେନ୍ଦ୍ରରେ ସମୁଦାୟ ୩୦୧ଜଣ ପିଲାଙ୍କ ନାମ ପଞ୍ଜିକୃତ ହୋଇଥିଲା ବେଳେ ୨୮୪ଜଣ ପରୀକ୍ଷା ଦେଇଥିଲେ ଏବଂ ସେଥିରୁ ୧୭ଜଣ ଅନୁପସ୍ଥିତ ଥିଲେ। ପରୀକ୍ଷାରେ କୋଦଣ୍ଡଧର ମହାନ୍ତି, ରାଧାଶ୍ୟାମ ନାୟକ, ସୁରେନ୍ଦ୍ର ବେହେରା, ସୁରେନ୍ଦ୍ର କୁମାର ଦାସ, ଅରୁଣ କର, ହଳଧର ପ୍ରଧାନ, ଭାଗୀରଥି ଚଇନି, ଅନନ୍ତ ରାଉତ, ବିଷ୍ଣୁପ୍ରସାଦ ପାଢ଼ୀ, ମୁକ୍ତିକାନ୍ତ ପାଢ଼ୀ, ବଳରାମ ନାୟକ, ବିଜୟ କୁମାର ନାୟକ, ପ୍ରଦୀପ କୁମାର ମଲ୍ଲିକ ପ୍ରମୁଖ ବୀକ୍ଷକ ଭାବେ ଦାୟିତ୍ୱ ତୁଲାଇଥିଲା ବେଳେ ହରିହର ବେହେରା ସହଯୋଗ କରିଥିଲେ। ତେବେ ପୃଥକ ଭାବେ ଅନୁଷ୍ଠିତ ପରୀକ୍ଷା କେନ୍ଦ୍ର ଗୁଡ଼ିକରେ ଶାନ୍ତି ଶୃଙ୍ଖଳାର ସହିତ ପରୀକ୍ଷା ହୋଇଥିବା ନେଇ ଉଭୟ କେନ୍ଦ୍ରର ଅଧ୍ୟକ୍ଷ କହିଛନ୍ତି।

## ଜିଓ ଫାଇବର ସେବାରେ ବ୍ୟାହତ

ହାଟଡିହୀ, ୧୮ା୧(ସମିସ): ହାଟଡ଼ିହୀ ଅଞ୍ଚଳରେ ଜିଓ ଫାଇବର ନେଟୱାର୍କ ସେବାରେ ଅନେକ ବ୍ୟାହତ ହେଉଥିବା ନେଇ ଅଭିଯୋଗ ହୋଇଛି। ପ୍ରଥମେ ଜିଓ କର୍ମଚାରୀମାନେ ମିଠା କଥା କହି ଗ୍ରାହକଙ୍କୁ ଆକୃଷ୍ଟ କରି ଜିଓ କମ୍ପାନୀ ପକ୍ଷରୁ ସ୍ୱଳ୍ପ ମୂଲ୍ୟରେ ବଢ଼ିଆ ସେବା ପାଇବାର ଲୋଭ ଦେଖାଇ ଜିଓ ଫାଇବର ନେଟୱାର୍କର ସେଟଅପ୍ ବସାଇ ଦେଉଥିବା ବେଳେ, ପରେ ସଠିକ ସମୟରେ ସେବା ମିଳିପାରୁନଥିବା ଅଭିଯୋଗ ହେଉଛି। ଜିଓ ଫାଇବରରୁ ରିଚାର୍ଜ କାର୍ଡ଼ ସମାପ୍ତ ପରେ ଗ୍ରହକମାନେ ପୁନର୍ବାର ରିଚାର୍ଜ କଲେ ମଧ୍ୟ ଅବିଲମ୍ବେ ସେବା ଉପଲବ୍ଧ ହୋଇପାରୁନି। ଏପରିକି ଜିଓ କର୍ମଚାରୀଙ୍କୁ ଅବଗତ କରାଇଲେ ମଧ୍ୟ କୌଣସି ସୁଫଳ ମିଳିପାରୁନି। ଯାହା ଫଳରେ ଜିଓ ଫାଇବର ନେଟୱାର୍କ ସେବା ପାଇଁ ଗ୍ରାହକଙ୍କ ଅନେକ ଜରୁରୀ କାର୍ଯ୍ୟରେ ବାଧା ଉପୁଜୁଛି। ଏନେଇ ହାଟଡିହୀ ଅଞ୍ଚଳର ଜିଓ ସେବା ପ୍ରତି ଲୋକଙ୍କ ବୈମାତୃକ ମନୋଭାବ ଦେଖାଦେଲାଣି। ତୁରନ୍ତ ଜିଓ ଫାଇବର ସେବାର ସମାଧାନ ନହେଲେ ଆଗାମୀ ଦିନରେ ପ୍ରାୟ ଅଧିକାଂଶ ଗ୍ରାହକ ଜିଓ ସେବାକୁ ଛାଡ଼ିବାକୁ ବାଧ ହେବେ ବୋଲି କହିଛନ୍ତି। ତେଣୁ ଜିଓ ଫାଇବର ସେବା କିପରି ପୂର୍ବପରି ଅବ୍ୟାହତ ରହିବ ଏବଂ ଗ୍ରାହକଙ୍କୁ ଆକୃଷ୍ଟ କରିବ ସେଥିପ୍ରତି ଜିଓ କର୍ମକର୍ତ୍ତା ତୁରନ୍ତ ଧ୍ୟାନ ଦେଇ ଏହାର ସମାଧାନ କରିବାକୁ ଜିଓ ଗ୍ରହକଙ୍କ ମଧ୍ୟରେ ଦାବି ହୋଇଛି।

## ଭତ୍ତା ହିତାଧିକାରୀଙ୍କ ସମାବେଶ

ତୁରୁମୁଙ୍ଗା, ୧୮ା୧(ସମିସ): କେନ୍ଦୁଝର ଜିଲ୍ଲା ପାଟଣା ବ୍ଲକ ଟାଙ୍ଗରପଡ଼ା ପଞ୍ଚାୟତ ନୂଆପଡ଼ାଠାରେ ଶନିବାର ଓଡ଼ିଶା ଭତ୍ତା ପ୍ରଦାନ ସଙ୍ଘର୍ଷ ସମିତି ପକ୍ଷରୁ ଖଗେଶ୍ୱର ମୁଖ୍ୟମନ୍ତ୍ରୀ ଗତ ୧୫ ତାରିଖରେ କେନ୍ଦୁଝର ଠାରେ ଭତ୍ତା ହିତାଧିକାରିମାନଙ୍କୁ ଭତ୍ତା ପ୍ରଦାନର ଶୁଭା ଆରମ୍ଭ କରିଥଲେ। ଠିକ୍ ସେହି ଦିନ ସଙ୍ଘର୍ଷ ସମିତି ରାଜ୍ୟରେ ବିଭିନ୍ନ



ମହନ୍ତଙ୍କ ସଭାପତିତ୍ୱରେ ସମାବେଶ ଓ ସାଧାରଣ ସଭା ଅନୁଷ୍ଠିତ ହୋଇଯାଇଛି। ଏହି ସଭାରେ ସଙ୍ଘର୍ଷ ସମିତିର ରାଜ୍ୟ ସଭାପତି ବିଦ୍ୟାଧର ମହାନ୍ତି ଯୋଗ ଦେଇ ଜିଲ୍ଲାରେ ସମସ୍ତଙ୍କୁ ୩ହଜାର ଟଙ୍କା ଭତ୍ତା ପ୍ରଦାନ ନ କରିଥିବାରୁ ସଙ୍ଘର୍ଷ ଦିବସ ଭାବେ ପ୍ରତିବାଦ କରିଥିଲେ ବୋଲି ଶ୍ରୀ ମହାନ୍ତ ପ୍ରକାଶ କରିଥିଲେ। ରାଜ୍ୟରେ ମଧୁବାବୁ ପେନସନ ଯୋଜନା ଓ ଜାତୀୟ ସାମାଜିକ ସୁରକ୍ଷା ଅନୁଯାଇ ୫୪ଲକ୍ଷ ହିତାଧିକାରୀ ଭତ୍ତା ପାଇଁ ଅପେକ୍ଷା କରିଥିବା ବେଳେ ତରବରିଆ ଭାବେ ମୁଖ୍ୟମନ୍ତ୍ରୀଙ୍କ ଘୋଷଣା ଅନୁଯାୟୀ ୪ଲକ୍ଷ ୧୭ହଜାର ୪୯୬ ହିତାଧିକାରୀମାନଙ୍କୁ ପ୍ରଦାନ କରି ସଂଖ୍ୟାଧିକ ହିତାଧିକାରୀଙ୍କୁ ଅଣଦେଖା କରିଥିବାରୁ ଏହାକୁ ଦୃଢ଼ ସମାଲୋଚନା କରିଥଲେ। ଏହି ସଭାରେ ଅନ୍ୟମାନଙ୍କ ମଧ୍ୟରେ ଭତ୍ତା ସଙ୍ଘର୍ଷ ସମିତିର ବରିଷ୍ଠ ଉପଦେଷ୍ଟା ନାରାୟଣ ଚନ୍ଦ୍ର ନାୟକ, ନିରଞ୍ଜନ ପରିଡ଼ା ଓ କେନ୍ଦୁଝର ଜିଲ୍ଲା କମିଟିର ଗୌରୀ ଶଙ୍କର ମହାନ୍ତ, ସନାତନ ମହାନ୍ତ ରାଜକିଶୋର ମିଶ୍ର ଓ ଜନାର୍ଦ୍ଦନ ମହନ୍ତ ପ୍ରମୁଖ ଯୋଗ ଦେଇ ରାଜ୍ୟ ସରକାର ନିଜ ସଂକଳ୍ପ ପତ୍ରର ଘୋଷଣା ଅନୁଯାୟୀ ସମସ୍ତଙ୍କୁ ୩ହଜାର ଟଙ୍କା ପ୍ରଦାନ ପ୍ରତିଶ୍ରୁତି ପ୍ରତାରଣାର ପରିଣତ କଲେ ଆଗାମୀ ଦିନରେ ସମସ୍ତ ହିତାଧିକାରୀ ନିଜ ଜିଲ୍ଲାରୁ ଆନ୍ଦୋଳନ କରିବା ସହିତ ଗ୍ରୀଷ୍ମ କାଳୀନ ଅଧିବେଶନ ବେଳକୁ ଲୋୟର ପିଏମ୍‌ଜି ମହାସମାବେଶ କରାଯାଇ ଆନ୍ଦୋଳନ କରାଯିବ ବୋଲି କହିଥିଲେ।

**● ଶିକ୍ଷକ ଅଭାବରୁ ଆଦର୍ଶ ବିଦ୍ୟାଳୟରେ ଶିକ୍ଷାଦାନ ବାଧାପ୍ରାପ୍ତ**

## ଉପଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହେଲେ ଅଭିଭାବକ

ଚମ୍ପୁଆ, ୧୮ା୧(ସମିସ): ଚମ୍ପୁଆ ଓଡ଼ିଶା ଆଦର୍ଶ ବିଦ୍ୟାଳୟରେ ଶିକ୍ଷକ ଅଭାବ ଜନିତ କାରଣରୁ ବିଦ୍ୟାଳୟରେ ଶିକ୍ଷାଦାନ ବାଧାପ୍ରାପ୍ତ ହେଉଛି। ଫଳରେ ଛାତ୍ରଛାତ୍ରୀ ବିଦ୍ୟାଳୟ ଯିବାକୁ ଅମଙ୍ଗ ହେଉଛନ୍ତି। ଦୀର୍ଘ ଦିନ ଧରି ଶିକ୍ଷକ ଅଭାବ ଲାଗିରହିଥିବା ଏବଂ ଆଗକୁ ପରୀକ୍ଷା ଆସୁଥିବା ବେଳେ ବିଭିନ୍ନ ବିଷୟରେ ପାଠପଢ଼ା ପଛରେ ପଡ଼ିଥିବାରୁ ଅଭିଭାବକ ମହଲରେ ଅସେନ୍ତାଷ ସୃଷ୍ଟି ହୋଇଛି। ଏ ନେଇ ଅଭିଭାବକ ମାନେ ଚମ୍ପୁଆ ଉପଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହୋଇ ଲିଖିତ ଅଭିଯୋଗ କରିଛନ୍ତି। ଉପଜିଲ୍ଲାପାଳଙ୍କ ଅନୁପସ୍ଥିରେ ସହକାରୀ ଜିଲ୍ଲାପାଳ ସମରେନ୍ଦ୍ର ଦାସଙ୍କୁ ତାଙ୍କ କାର୍ଯ୍ୟାଳୟ ଠାରେ ଏହି ଅଭିଯୋଗ କରିଛନ୍ତି। ସୂଚନା ଅନୁସାର ୨୦୧୬ ମସିହାରେ ଚମ୍ପୁଆରେ ଓଡ଼ିଶା ଆଦର୍ଶ ବିଦ୍ୟାଳୟ କାର୍ଯ୍ୟକ୍ଷମ ହୋଇଥିବା ବେଳେ ପ୍ରାଥମିକତା ଭିତିରେ ୬ଷ୍ଠ, ସପ୍ତମ ଓ ଅଷ୍ଟମ ଶ୍ରେଣୀରେ ଶିକ୍ଷାଦାନ ଆରମ୍ଭ କରାଯାଇଥିଲା। ପରେ ୨୦୨୧-୨୨ ମସିହାରେ ଯୁକ୍ତ ୨ ପାଠ୍ୟକ୍ରମ ଆରମ୍ଭ କରାଯାଇଥିଲା। ସେହି ସମୟରେ ଶିକ୍ଷକ ପଦବୀ ପୂରଣ ରହିଥିବା ବେଳେ ଶିକ୍ଷାଦାନ ସଠିକ ଭାବରେ ଚାଲୁଥିଲା ମାତ୍ର ବର୍ତ୍ତମାନ ୮ ଜଣ ଶିକ୍ଷକରେ ଶିକ୍ଷାଦାନ କରାଯାଉଥିବା ବେଳେ ୬ଷ୍ଠରୁ ଯୁକ୍ତ୨ ପର୍ଯ୍ୟନ୍ତ ୭ଟି ଶ୍ରେଣୀରେ ଶିକ୍ଷାଦାନ ବାଧାପ୍ରାପ୍ତ ହେଉଥିବା ଅଭିଭାବକ ମାନେ ଅଭିଯୋଗ କରିଛନ୍ତି।

## ସମାଜସେବୀଙ୍କ ପରଲୋକ

ହାଟଡିହୀ, ୧୮ା୧(ସମିସ): ହାଟଡିହୀ ବ୍ଲକ ବାଲିବରେଇ ଗ୍ରାମର ବରିଷ୍ଠ ସମାଜସେବୀ ଜୟକୃଷ୍ଣ ସାମଲ(୮୨)ଙ୍କ ଦେହାନ୍ତ ଘଟିଛି। ଶ୍ରୀଯୁକ୍ତ ସାମଲ ଦୀର୍ଘଦିନ ଧରି ସମାଜସେବାରେ ନିଜକୁ ନିୟୋଜିତ କରିଥିଲା ବେଳେ ଅତ୍ୟଧିକ ବୟସ ଯୋଗୁଁ ସେ



ଆଜି ଦେହତ୍ୟାଗ କରିଛନ୍ତି। ପରିବାର ମଧ୍ୟରେ ଶୋକର ଛାୟା ଖେଳିଯାଇଥିବା ବେଳେ ତାଙ୍କ ଦେହାନ୍ତ ବେଳେ ପୁଅ, ବୋହୂ, ନାତିନାତୁଣୀ ଉପସ୍ଥିତ ଥିଲାବେଳେ ତାଙ୍କ ଶେଷ ଦର୍ଶନ କରିବାକୁ ଅଞ୍ଚଳର ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଆସିଥିଲେ। ଗାଁ ମଶାଣିରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଥିବା ବେଳେ ପୁଅ ରମେଶ ସାମଲ ମୁଖାଗ୍ନି ଦେଇଥିଲେ।

## ଆନନ୍ଦପୁର ମହାବିଦ୍ୟାଳୟରେ ପ୍ରାଥମିକ ଚିକିତ୍ସା ଶିବିର



ଆନନ୍ଦପୁର, ୧୮ା୧(ସମିସ): ଆନନ୍ଦପୁର ମହାବିଦ୍ୟାଳୟରେ ଯୁବ ରେଡକ୍ରସ ଶାଖା ତରଫରୁ ଏକ ଦିବସିୟ ପ୍ରାଥମିକ ଚିକିତ୍ସା ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହାକୁ ଜାତୀୟ ସ୍ତରର ଫାଷ୍ଟଏଡ ମାଷ୍ଟର ଟ୍ରେନର ଡ.ବିକାଶ ପ୍ରସାଦ ମୁଖ୍ୟଅତିଥି ଭାବେ ଯୋଗ ଦେଇ ଅନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ। ଅଧ୍ୟକ୍ଷ ଡ. ନାରାୟଣ ମିଶ୍ରଙ୍କ ସଭାପତିତ୍ୱରେ ସମ୍ମାନିତ ଅତିଥି ଭାବେ ପ୍ରାଧ୍ୟାପକ ପ୍ରଦୀପ କୁମାର ଧଳ, ଡ. ଶେଖର ପ୍ରସାଦ ଦେବତା, ଡ.ନିମାଇଁ ଚରଣ ରାଉତ, ଶିବଚରଣ ବେହେରା, ରଘୁଦୀପ୍ତି ନାୟକ, ଓଜେଲ ପଟ୍ଟନାୟକ, ସଂଘମିତ୍ରା ରାଉତ, ଭଗବାନ ସାହୁ, ମଧୁସ୍ମିତା ସାହୁ, ପୂର୍ଣ୍ଣାନନ୍ଦ ପାର୍ଥ ସାରଥୀ ଶଙ୍ଖୁଆ, ନିହାର ରଞ୍ଜନ ସାମଲ, ପ୍ରମୁଖ ଯୋଗ ଦେଇଥିଲେ। ଉପଦେଷ୍ଟା ପ୍ରଫୁଲ୍ଲ କୁମାର ପଣ୍ଡା ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ। ରଞ୍ଜନ ନାୟକ, ଅନିତା ଦାସ, ଭାରତୀ ସାହୁ, ମମତା ମିଶ୍ର, ତନୁଶ୍ରୀ ପଣ୍ଡା, ସବିନା ଆରା ବେଗମ, ମିତାଶ୍ରୀ ବେହେରା, ଗୀତାଞ୍ଜଳି ନାୟକ, ରତିକାନ୍ତ ଦାସ, ଡ. ଦିବ୍ୟଲୋଚନ ଭୂୟାଁ, ଶ୍ରୀଲେଖା ସାହୁ, କେଶବ ଜେନା, ଶଶିକାନ୍ତ ଜେନା ତଥା ମହାବିଦ୍ୟାଳୟର ଅଧ୍ୟାପକ ଅଧ୍ୟାପିକା କର୍ମଚାରୀ ଉପସ୍ଥିତ ଥିଲେ।

## ବ୍ଲକସ୍ତରୀୟ ପରାମର୍ଶ ଶିବିର

ହାଟଡିହୀ, ୧୮ା୧(ସମିସ): ହାଟଡିହୀ ବ୍ଲକରେ ବ୍ଲକସ୍ତରୀୟ ପରାମର୍ଶ ଶିବିର ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମଟି ବିପିଏମ ମଧୁସ୍ମିତା ଦାସଙ୍କ ସଂଯୋଜନାରେ ଅନୁଷ୍ଠିତ ହୋଇଥିଲା ବେଳେ ପୂର୍ବ ନିର୍ଦ୍ଧାରଣ ଅନୁସାରେ ଏଥିରେ ବିଭିନ୍ନ କମ୍ପାନୀମାନେ ଯୋଗଦେଇ ଶିକ୍ଷିତ ଯୁବବର୍ଗଙ୍କୁ ତାଲିମ୍ ଓ ପରେ ନିଯୁକ୍ତି ଦେବାନେଇ ସେମାନଙ୍କ ନାମ ପଞ୍ଜିକରଣ କରିଥିଲେ। ଜିଲ୍ଲା ବୈଷୟିକ ଓ ଦକ୍ଷତା ନିଯୁକ୍ତି ବିଭାଗର ଅଭିଶେଖ୍ ଚକ୍ର, ଆଇଏଚଏମ୍ ଅଭିନାଶ ଦାସ, ସିଟିଟିସି ସୁବ୍ରତ କୁମାର ମହାନ୍ତ, ଆନନ୍ଦପୁର ଆଇଟିଆଇ ଅନୁଷ୍ଠାନର ଶିକ୍ଷକ ପ୍ରଦୀପ କୁମାର ସାହୁ ପ୍ରମୁଖ ଯୋଗ ଦେଇଥିଲେ। ବିଭିନ୍ନ ସରକାରୀ ଅବେସରକାରୀ ନିଯୁକ୍ତି ଅନୁଷ୍ଠାନ ମଧ୍ୟରେ ବାରିପଦାର ସାହି ଏକ୍ସପୋର୍ଟ, ଜଟଣୀ ସ୍ଥିତ ରାମଚନ୍ଦ୍ରପୁରର ଗ୍ରାମ ତରଙ୍ଗ, କେନ୍ଦୁଝର ଘଟଗାଁର ଲର୍ଣ୍ଣନେଟ ପ୍ରଭୃତି ନିଯୁକ୍ତି କମ୍ପାନୀ ଯୋଗଦେଇ ପ୍ରାୟ ୭୫ରୁ ଊର୍ଦ୍ଧ୍ୱ ଯୁବବର୍ଗଙ୍କ ନାମ ପଞ୍ଜୀକରଣ କରିଥିଲେ। ସେସବୁ କମ୍ପାନୀ ମାନଙ୍କରେ ମାଗଣା ରହିବା ଓ ଖାଇବା ସହ ତାଲିମ୍ ଏବଂ ପରେ ନିଯୁକ୍ତି ନେଇ ବୁଝାଇଥିଲେ। ଏହି କାର୍ଯ୍ୟକ୍ରମକୁ ବ୍ଲକର ମିନାକ୍ଷୀ ମୋନାଲିସା ଜେନା ଓ ସ୍ୱର୍ଣ୍ଣରାଣୀ ପୃଷ୍ଟି ପ୍ରମୁଖ ସହଯୋଗ କରିଥିଲେ।

## ସ୍କୁଲରେ ତାଲା ପକାଇ ଧାରଣାରେ ବସିଲେ ଛାତ୍ରଛାତ୍ରୀ

ଆନନ୍ଦପୁର, ୧୮ା୧(ସମିସ):

ଦୀର୍ଘଦିନ ଧରି ବିଦ୍ୟାଳୟରେ ଆବଶ୍ୟକୀୟ ଶିକ୍ଷକ ଅଭାବ ଯୋଗୁଁ ଶିକ୍ଷାଦାନରେ ବାଧାପ୍ରାପ୍ତ ହେଉଥିବା ନେଇ ବାରମ୍ବାର ବିଭାଗୀୟ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିବା ପରେ ମଧ୍ୟ ସମସ୍ୟାର ସମାଧାନ ନହେବାରୁ ସ୍କୁଲ ଫାଟକରେ ତାଲା ପକାଇ ଧାରଣାରେ ବସି ରହିଲେ ଅଭିଭାବକ ଓ ଛାତ୍ରଛାତ୍ରୀ। ଏଭଳି ଅଭାବନୀୟ ଚିତ୍ର ଦେଖିବାକୁ ମିଳିଛି ହାଟଡିହୀ ବ୍ଲକ ଅନ୍ତର୍ଗତ ଅକରୁଆ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ। ମିଳିଥିବା ସୂଚନା ଅନୁଯାୟୀ ଏହି ବିଦ୍ୟାଳୟରେ ମୋଟ ୮ଟି ଶ୍ରେଣୀରେ ୨୦୨ ଜଣ ଛାତ୍ରଛାତ୍ରୀ ଅଧ୍ୟୟନରତ ଥିବା ବେଳେ ଶିକ୍ଷକ ହେଉଛନ୍ତି ୬ଜଣ। ତନ୍ମଧ୍ୟରୁ ପ୍ରଧାନ ଶିକ୍ଷକ ଅଫିସ୍ କାର୍ଯ୍ୟରେ ବ୍ୟସ୍ତ ରହୁଥିବା ବେଳେ ୨ଜଣ ଶିକ୍ଷୟିତ୍ରୀଙ୍କୁ ହାଟଡିହୀ ଶିକ୍ଷାଧିକାରୀ ଡେପ୍ଲଏମେଣ୍ଟରେ ଅନ୍ୟତ୍ର ପଠାଇଛନ୍ତି। ସେହିପରି ବିଭିନ୍ନ ତାଲିମ୍ କିମ୍ବା ଛୁଟିରେ କୌ÷ଣସି ଶିକ୍ଷକ ଶିକ୍ଷୟତ୍ରୀ ରହିଲେ ଉକ୍ତ ଦିନ ସ୍କୁଲରେ ପାଠପଢ଼ା ଠପ୍ ହୋଇଯାଇଥାଏ। ଏପରି ଅବ୍ୟବସ୍ଥା ଲାଗିରହିଥିବା ବେଳେ ପରୀକ୍ଷା ଆଉ ମାତ୍ର



ଦୁଇମାସ ବାକିଥିବାରୁ ଶିକ୍ଷକ ଅଭାବରୁ ପିଲାଙ୍କ ପାଠ ପଢ଼ାରେ ବ୍ୟାଘାତ ସୃଷ୍ଟି ହେଉଥିବାରୁ ଅଧିକ ଶିକ୍ଷକ ନିଯୁକ୍ତି ଦାବିରେ ଆଜି ବିଦ୍ୟାଳୟ ଫାଟକରେ ତାଲା ପକାଇ ପରିଚାଳନା କମିଟି ସଭାପତି ଅଭିନ୍ନ ଖଟୁଆଙ୍କ ନେତୃତ୍ୱରେ ଅଭିଭାବକ ଗୋକୁଳ ଜେନା, ସତ୍ୟବ୍ରତ ଜେନା, ମୁରଲୀ ଜେନା, ପୁରସ୍ତମ ଘଡେଇ, ପ୍ରଫୁଲ୍ଲ ଖଟୁଆ, ସବିତା ଜେନା, ମାନସୀ ଖଟୁଆ, ସୁଲୋଚନା ଖଟୁଆ, ମାନସୀ ଜେନା, ସନାତନ ଖଣ୍ଡା, ସଞ୍ଜୁଲତା ଜେନା, ସୁଲୋଚନା ଜେନାଙ୍କ ସମେତ ଛାତ୍ରଛାତ୍ରୀ ଧାରଣାରେ ବସିଛନ୍ତି। ତେବେ ଏନେଇ ହାଟଡିହୀ ଏବିଇଓ ପ୍ରମୋଦ ନାଏକଙ୍କ ଦୃଷ୍ଟି ଆକର୍ଷଣ କରାଯିବାରୁ ଖୁବ୍ ଶୀଘ୍ର ନୂତନ ଶିକ୍ଷକ ନିଯୁକ୍ତି ଦିଆଯାଇ ଶିକ୍ଷକ ଅଭାବ ଦୂର କରାଯିବ ବୋଲି କହିଥିଲେ।

